ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ✓ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 43 | 26 October - 01 November 2025 | Sambalpur | Pages- 8 | Invitation Price Rs.10

# ବେଦାନ୍ତ ପାଇଁ ରାଜ୍ୟର ଅନ୍ୟ ସହର ଝାରସୁଗୁଡ଼ା ଭଳି ନ ହେଉ

ସମ୍ବଲପୁର: ବେଦାନ୍ତ ଗ୍ରୁପ ରାଜ୍ୟରେ ଲକ୍ଷେ କୋଟି ଟଙ୍କା ନିବେଶ କରିବ । ଏଥିରେ ୧ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବେଦାନ୍ତ ଢେଙ୍କାନାଳରେ ବାର୍ଷିକ ୩ ନିଯୁତ ଟନ୍ କ୍ଷମତା ବିଶିଷ୍ଟ ଏକ ଆଲୁମିନିୟମ୍ ସ୍ମେଲଟର ପ୍ଲାଣ୍ଟ ପ୍ରତିଷ୍ଠା କରିବ । ସେହିପରି କେନ୍ଦୁଝର ଠାରେ ଏକ ଅତ୍ୟାଧୁନିକ ଫେରୋ ଆଲାଏଜ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବ । ଏଥିରେ ବେଦାନ୍ତ ୨ ହଜାର କୋଟି ଖଟାଇବ ବୋଲି ବେଦାନ୍ତ ଗ୍ରୁପ୍ର ଅଧକ୍ଷ ଅନୀଲ ଅଗ୍ରୱାଲ ଗତ ୨୩ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହା କୁହାଯାଇଛି । ଏଥିପାଇଁ ସରକାରଙ୍କ ପକ୍ଷରୁ ବେଦାନ୍ତକୁ ଜମିରୁ ପାଣିଯାଏ ସମସ୍ତ ପ୍ରକାର ସୁବିଧା ଯୋଗାଇବେ ବୋଲି ମଧ କୁହାଯାଇଛି । ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗେଇ ଆସୁଥିବା ଘରୋଇ କମ୍ପାନୀ ପ୍ରତି ରାଜ୍ୟ ସରକାରଙ୍କ ଏ ପ୍ରକାର ସକରାତ୍ମକ ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ କିନ୍ତୁ ଅତୀତର ଅଭିଜ୍ଞତାରୁ ସରକାର ଏଥିପ୍ରତି ସତର୍କ ନ ରହି ଖୋଲାହାତରେ ବେଦାନ୍ତକୁ ସହଯୋଗ କଲେ ରାଜ୍ୟରେ ଆଉ ଦୁଇଟି ସହର ଢେଙ୍କାନାଳ ଓ କେନ୍ଦୁଝରର ଅବସ୍ଥା ଝାରସୁଗୁଡ଼ା ସହର ଭଳି ହେବାର ଆଶଙ୍କା ଦେଖା ଦେଇଛି । କାରଣ ଏହି କମ୍ପାନୀ କାରଖାନା ବସାଇବା ପୂର୍ବରୁ ଯାହାଯାହା କହିଥାନ୍ତି ପରେ ସେଥିରୁ ବିଭିନ୍ନ ଆଳ ଦେଖାଇ ଓହରି ଯାଆନ୍ତି । ଏହାର ଚାକ୍ଷୁଷ ପ୍ରମାଣ ହେଉଛି ଖୋଦ୍ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା । ଏହି କାରଖାନା ଝାରସୁଗୁଡ଼ାରେ ଖୋଲିବା ପରେ ଜନସାଧାରଣ ଉପକୃତ ହେବା ପରିବର୍ତ୍ତେ କୋଇଲା ଓ ପାଉଁଶଗୁଣ୍ଡ ଖାଇ ପ୍ରଦୂଷଣର ଶିକାର ହୋଇ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା ସାର ହୋଇଛି । ଅପର ପକ୍ଷରେ ଜିଲ୍ଲାରେ ସାମଗ୍ରିକ ଉନ୍ନତି ହେବା ପରିବର୍ତ୍ତେ ଏଥିରେ ସ୍ୱଳ୍ପ ମୁଷ୍ଟିମେୟ ବ୍ୟକ୍ତି ସରକାରୀ ଅଧିକାରୀ ଓ ରାଜନୈତିକ ନେତାମାନେ ଉପକୃତ ହେଉଛନ୍ତି ।

୨୦୦୮ ମସିହାରେ ଝାରସୁଗୁଡ଼ାରେ ଯେତେବେଳେ ବେଦାନ୍ତ ଆଲୁମିନିୟମ କାରଖାନା ଖୋଲିଲା ଲୋକଙ୍କ ମନରେ ବହୁ ଅସୁମାରୀ ସ୍ୱପ୍ନ ଥିଲା ଯେ, ଝାରସୁଗୁଡ଼ାବାସୀ ଏଥିରୁ ଲାଭ ପାଇବେ । ଯୁବକ ଯୁବତୀମାନେ ଚାକିରୀ ପାଇବେ । ଲୋକଙ୍କର ବ୍ୟବସାୟ ବଢ଼ିବ । ମୋଟାମୋଟି ଲୋକଙ୍କର ଜୀବନ ଜୀବିକାର ବହୁ ଉନ୍ନତି ହେବ । କିନ୍ତୁ କାରଖାନା ପୁରାଦମ୍ ଚାଲିଲା ପରେ ଦେଖାଗଲା ଯେ, ସ୍ଥାନୀୟ ଯୁବକ ଯୁବତୀମାନେ ଯେଉଁ ପରିମାଣରେ ଚାକିରୀ ପାଇବେ ବୋଲି ଆଶା କରିଥିଲେ ତାହା ହେଲା ନାହିଁ । କାରଖାନା ପାଇଁ ଜମି ହରାଇଥିବା ଲୋକ ଉପଯୁକ୍ତ କ୍ଷତିପୂରଣ ପାଇଲେ ନାହିଁ । କାରଖାନାର ଧୂଆଁ ଓ ପାଉଁଶ ଗୁଣ୍ଡରେ ସମଗ୍ର ଜିଲ୍ଲାବାସୀ ପ୍ରଦୂଷଣର ଶିକାର



ହେଲେ । ଏଥିଯୋଗୁଁ ସେମାନେ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହେଲେ । ଭୂତଳ ଜଳ ହ୍ରାସ ପାଇବା ସାଙ୍ଗକୁ ପ୍ରାକୃତିକ ନଦୀ ନାଳ ପୋତି ହୋଇଗଲା । କାରଖାନାର ବର୍ଜ୍ୟବସ୍ତୁ ଭେଡେନ୍ ନଦୀରେ ସିଧାସଳଖ ପଡି ସେହି ପ୍ରଦୂଷିତ ଜଳ ହୀରାକୁଦ ଜଳ ଭଣ୍ଡାରରେ ମିଶିଲା । ଜଙ୍ଗଲମାନଙ୍କରୁ ହଜାର ହଜାର ଗଛକଟି ଜିଲ୍ଲାରେ ଜଙ୍ଗଲର ପରିମାଣ ହ୍ରାସ ପାଇଲା ।

ବର୍ତ୍ତମାନ ମଧ ଯେ କେହି ଲୋକ ଝାରସୁଗୁଡ଼ା ଆସିଲେ ଦେଖି ପାରିବ ଯେ, ସହର ସାରା ଧୂଆଁ ପାଉଁଶ ଗୁଣ୍ଡରେ ଭର୍ତ୍ତି । ଝାରସୁଗୁଡ଼ା ସହରରେ ଥିବା ଲୋକମାନଙ୍କ ଘରେ ପ୍ରତ୍ୟେକଦିନ ପାଉଁଶର ଗୋଟିଏ ଆସ୍ତରଣ ପଡୁଛି । ଘରର ଛାତମାନଙ୍କ ଉପରେ ପାଉଁଶ ଓ କୋଇଲାଗୁଣ୍ଡ ପଡି କଳା ହେଇ ଯାଉଛି । କୂଅଁ ଓ ପୋଖରୀ ପାଣିରେ ମଧ କୋଇଲାଗୁଣ୍ଡ ଓ ପାଉଁଶପଡ଼ି ତାହା ଦୂଷିତ ହେଇ ଯାଉଛି । ଗଛମାନଙ୍କରେ କୋଇଲା ପାଉଁଶ ଗୁଣ୍ଡ ଉଡି କଳା ହୋଇ ଯାଉଛି । ଏ ବାବଦରେ ଲୋକମାନେ ଯେତେ ସ୍ୱର ଉତ୍ତୋଳନ କଲେ ମଧ ତାଙ୍କର ଗୁହାରୀ ଶୁଣିବାକୁ କେହି ନାହାନ୍ତି । ଝାରସୁଗୁଡ଼ା ସହରର ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ବେଦାନ୍ତ କାରଖାନାର ଅବଦାନ ଶୂନ ରହିଛି । ଏ ପର୍ଯ୍ୟନ୍ତ ଝାରସୁଗୁଡ଼ା ଜିଲ୍ଲାରେ ଉଚ୍ଚଶିକ୍ଷା ପାଇଁ କୌଣସି ସରକାରୀ କଲେଜ ନାହିଁ । ହାତ ଗଣତି ଘରୋଇ ମହିଳା କଲେଜ ରହିଛି । ଜିଲ୍ଲାର ଛାତ୍ରଛାତ୍ରୀ ମାନେ ଉଚ୍ଚଶିକ୍ଷା ପାଇଁ ବିଶେଷ କରି ବିଶ୍ୱବିଦ୍ୟାଳୟ ସ୍ତରୀୟ ଶିକ୍ଷା ଲାଭ କରିବାକୁ ସମ୍ବଲପୁର, କଟକ, ଭୁବନେଶ୍ୱର ଯାଉଛନ୍ତି । ଅନେକ ଛାତ୍ରଛାତ୍ରୀ ନାମଲେଖା ସୁଯୋଗ ନ ପାଇ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଜିଲ୍ଲା ଗଠନର ତିନି ଦଶନ୍ଧି ବିତି ଯାଇଥିଲେ ମଧ ସରକାରୀ କଲେଜଟିଏ ଖୋଲି ପାରି ନାହିଁ । ୧୯୬୯ ମସିହାରେ ପ୍ରତିଷ୍ଠିତ ଲକ୍ଷ୍ମୀ ନାରାୟଣ କଲେଜକୁ ସରକାରୀ କରିବା ପାଇଁ ଦାବି ହୋଇ ଆସୁଛି । ସେହିପରି ୧୯୮୧ ମସିହାରେ ଝାରସୁଗୁଡ଼ା ମହିଳା କଲେଜ ଏବଂ ବ୍ରଜରାଜନଗର କଲେଜ ଭଳି ହାତଗଣତି ଡିଗ୍ରୀ କଲେଜ ରହିଛି ।

(ଅବଶିଷ୍ଟାଂଶ ଶେଷ ପୃଷ୍ଠାରେ)






# ଝାରସୁଗୁଡ଼ାରେ ସାଇବର ସୁରକ୍ଷା ଅଭିଯାନ

ଝାରସୁଗୁଡ଼ା : ସାଇବର ଅପରାଧୀଙ୍କ ପାଇଁ ବଡ଼ ଅସ୍ତ୍ର ହେଉଛି ସୋସିଆଲ ମିଡିଆ । ସୋସିଆଲ ମିଡିଆ ଜରିଆରେ ସେମାନେ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରି ଠକେଇ କରୁଛନ୍ତି । ଖାସକରି ଛାତ୍ର ସମାଜ ତଥା ଯୁବ ବର୍ଗଙ୍କୁ ସାଇବର ଠକ ଟାର୍ଗେଟ କରୁଛନ୍ତି । ସାଇବର ଅପରାଧୀଙ୍କ ଠକେଇରୁ ବର୍ତ୍ତିବାକୁ ହେଲେ ସୋସିଆଲ ମିଡିଆ ବ୍ୟବହାର କରିବା ସମୟରେ ଛାତ୍ରଛାତ୍ରୀ ଏବଂ ଯୁବବର୍ଗ ବେଶ ସତର୍କ ରୁହନ୍ତୁ ବୋଲି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କହିଛନ୍ତି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫ ଅବସରରେ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଓଏସଏପି ଦ୍ୱିତୀୟ ବାଟାଲିୟନର ଟ୍ରେନି ମାନେ ଯୋଗ ଦେଇଥିଲେ ।



ଏସପି ଏହି ଅବସରରେ ସମ୍ବୋଧିତ କରି କହିଥିଲେ ଇଣ୍ଟରନେଟ୍ ବ୍ୟବହାର ସମୟରେ ନିଜ ପାସୱାର୍ଡ କାହାରି ସହ ସେୟାର କରନ୍ତୁ ନାହିଁ । କୌଣସି କ୍ଷେତ୍ରରେ ସାଇବର ଧମକ ଆସିଲେ ପୁଲିସକୁ ତୁରନ୍ତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ । ମୋବାଇଲରେ ନିଜ ଅବା ସମ୍ପର୍କୀୟଙ୍କ ଅନ୍ତରଙ୍ଗ ଫଟୋ ଓ ଭିଡିଓ ସେୟାର ନ କରିବା ସହ ଗେମିଙ୍ଗ ଆପ୍ଲିକେସନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ଅଜଣା ୟୁପିଆଇ ଲିଙ୍କ୍ ଠାରୁ ନିଜକୁ ଦୂରେଇ ରଖନ୍ତୁ ବୋଲି କହିଥିଲେ ।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଓଏସଏପି କମାଣ୍ଡେଣ୍ଟ ଶ୍ରୀପ୍ରସାଦ ତମାଙ୍ଗ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମଧୁସ୍ମିତା ମିଶ୍ର, ଜେମ୍ସ ସାମଦ, ଏସଡିପିଓ ଉମାଶଙ୍କର ସିଂ, ଚିନ୍ତାମଣି ପ୍ରଧାନ, ଜ୍ୟୋତ୍ସ୍ନାମୟୀ ପ୍ରଧାନ, ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତ, ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ ପ୍ରମୁଖଙ୍କ ସହ ବହୁ ପୁଲିସ ଅଧିକାରୀ ଏବଂ ନେତୃ ସ୍ଥାନୀୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ରାଜ୍ୟ ସ୍ତରୀୟ କବାଡ଼ି ପାଇଁ ମନୋନୀତ ହେଲେ ବିପିଏମ ହାଇସ୍କୁଲର ଦୁଇ ଛାତ୍ରୀ

ଝାରସୁଗୁଡା: ଲଖନପୁର ବ୍ଲକ ଭଅଁରଖୋଲ ସ୍ଥିତ ବିପିଏମ ହାଇସ୍କୁଲ ଭଅଁରଖୋଲର ଦୁଇ ଜଣ ଛାତ୍ରୀ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଦଶମ ଶ୍ରେଣୀର ଛାତ୍ରୀ ମନୀଷା ମୁଣ୍ଡା ଏବଂ ଅନିମା ମୁଣ୍ଡା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ସଫଳ ପ୍ରଦର୍ଶନ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି । ଏଥିପାଇଁ ଉଭୟ ଛାତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ପୂର୍ବତନ ଶିକ୍ଷକ ଭାବଗ୍ରାହୀ ସାହୁ ଛାତ୍ରୀ ମାନଂକୁ ସମ୍ବର୍ଦ୍ଧିତ କରିବାସହ ସେମାନଙ୍କ ସଫଳତା କାମନା କରିଛନ୍ତି ।

# ନଭେମ୍ବର ୧୧ ରୁ ବେଲପାହାଡରେ ସମଲେଇ ମନ୍ଦିର ପ୍ରତିଷ୍ଠା

ଝାରସୁଗୁଡା :ବେଲପାହାଡ ସମଡା ବଜାରପଡାରେ ଆସନ୍ତା ନଭେମ୍ବର ୧୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଧୁମଧାମରେ ମା ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ହେବ । ନଭେମ୍ବର ୧୧ ତାରିଖ ମଙ୍ଗଳବାର ଅପରାହ୍ନ.୩ ଟା ୨୭ ରେ ମ କଳସ ଯାତ୍ରା ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ, ବୁଧବାର ସୂର୍ଯ୍ୟପୂଜା, ଧାନ୍ୟଭିଷେକ, ଅନ୍ନାଭିଷେକ, ସ୍ନାନମଣ୍ଡପରେ ଦେବତା ସ୍ନାନ, ପ୍ରାଣ ପ୍ରତିଷ୍ଠା, ପାର୍ଶ୍ୱଦେବତା ଆବାହନ, ଉପସ୍ତର ଏବଂ ଚଣ୍ଡୀପାଠ, ଆରତୀ ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ, ଗୁରୁବାର ସୂର୍ଯ୍ୟପୂଜା, ପାର୍ଶ୍ୱଦେବତା ପୂଜା, ବିଷ୍ଣୁ ସହସ୍ର ନାମ ଏବଂ ଚଣ୍ଡୀପାଠ, ଆରତୀ ଓ ପୁଷ୍ପାଞ୍ଜଳି, ଶୁକ୍ରବାର ସୂର୍ଯ୍ୟପୂଜା, ପାର୍ଶ୍ୱଦେବତା ପୂଜା, ଶିଖର ସ୍ନାନ, ଧ୍ୱଜାରୋହଣ ଏବଂ ଚଣ୍ଡୀପାଠ, ଗର୍ଭଗୃହରେ ମା'ଙ୍କ ପ୍ରବେଶ, ପୂର୍ଣାହୁତି, ଆରତୀ ଓ ପୁଷ୍ପାଞ୍ଜଳି ସହ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପନ ହେବ । ପଣ୍ଡିତ ଡ. ପ୍ରଦୀପ କୁମାର ମିଶ୍ର ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇବେ ଏବଂ ମୁଖ୍ୟ କର୍ତ୍ତା ଭାବରେ ଗୋପିନାଥ ବେହେରା ଦାୟିତ୍ୱ ତୁଲାଇବେ । ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ସମ୍ବଲପୁର ଜିଲ୍ଲାରେ ଅନ୍ତ୍ୟୋଦୋୟ ଗୃହ ଯୋଜନାରେ ଉପକୃତ ହେଲେ ୧୫୯୨ ହିତାଧିକାରୀ



ସମ୍ବଲପୁର: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୪୭୧ ଟି ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଅନ୍ତ୍ୟୋଦୋୟ ଗୃହ ଯୋଜନାର ତୃତୀୟ ପର୍ଯ୍ୟାୟରେ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରଦାନ କରିଥିଲେ । ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ମଧ ଏଥିରେ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାରେ ସମସ୍ତ ପଞ୍ଚାୟତରେ ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସିଧା ସଳଖ ପ୍ରସାରଣ ହୋଇଥିଲା । ସୂଚନା ଅନୁଯାୟୀ ସମ୍ବଲପୁର ଜିଲ୍ଲାରେ ୨୪ ଟି ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ବାମରା ବ୍ଲକ୍‌ର ବାବୁନିକ୍ତିମାଲ ଗ୍ରାମ ପଞ୍ଚାୟତ, ଜୋରବଗା ଗ୍ରାମ ପଞ୍ଚାୟତ , ମହୁଲପାଲି ଗ୍ରାମ ପଞ୍ଚାୟତ, ଗଡପୋଷ ଗ୍ରାମ ପଞ୍ଚାୟତ, ଜମନକିରା ବ୍ଲକର ଜମନକିରା ଗ୍ରାମ ପଞ୍ଚାୟତ, ଟିକିଲିପଡା ଗ୍ରାମ ପଞ୍ଚାୟତ, ରେଙ୍ଗାଲି ବ୍ଲକ୍ ର ଖିଣ୍ଡା ଗ୍ରାମ ପଞ୍ଚାୟତ, ଲଇଡ଼ା ଗ୍ରାମ ପଞ୍ଚାୟତ, ଲପଙ୍ଗା ଗ୍ରାମ ପଞ୍ଚାୟତ, ଧନକଉଡ଼ା ବ୍ଲକ୍ ର ଶାସନ ଗ୍ରାମ ପଞ୍ଚାୟତ, କଳାମାଟି ଗ୍ରାମ ପଞ୍ଚାୟତ, ରେଢ଼ାଖୋଲ ବ୍ଲକ୍‌ର ବଡ଼ମାଲ ଗ୍ରାମ ପଞ୍ଚାୟତ, ବନସାଜଲ୍ ଗ୍ରାମ ପଞ୍ଚାୟତ, ନାକଟିଦେଉଳ ବ୍ଲକ୍ ର ବାଲାମ ଗ୍ରାମ ପଞ୍ଚାୟତ,ବାଟଗାଁ ଗ୍ରାମ ପଞ୍ଚାୟତ, ଗିରିଶଚନ୍ଦ୍ରପୂର୍ ଗ୍ରାମ ପଞ୍ଚାୟତ, ଯୁଯୁମୁରା ବ୍ଲକ ର ବାହାମ ଗ୍ରାମ ପଞ୍ଚାୟତ, ଗୋଡ଼ଲୋଇସିଂ ଗ୍ରାମ ପଞ୍ଚାୟତ, କୁଚିଣ୍ଡା ବ୍ଲକ ର ଖିଣ୍ଡୋକଟା ଗ୍ରାମ ପଞ୍ଚାୟତ, ବାଙ୍କେ ଗ୍ରାମ ପଞ୍ଚାୟତ, କୁନ୍ତରା ଗ୍ରାମ ପଞ୍ଚାୟତ, କୁସୁମୀ ଗ୍ରାମ ପଞ୍ଚାୟତ, ଟାଇଁସର ଗ୍ରାମ ପଞ୍ଚାୟତ ରେ ନୂତନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ର ଭିତ୍ତିପ୍ରସ୍ତର ହୋଇଛି । ପ୍ରତ୍ୟେକ କାର୍ଯ୍ୟାଳୟ ନିର୍ମାଣରେ ୩୫ ଲକ୍ଷ ଲେଖାଏଁ ଟଙ୍କା ଖର୍ଚ୍ଚ ହେବ ।

ଅନ୍ତ୍ୟୋଦୋୟ ଗୃହ ଯୋଜନା ଅଧୀନରେ ବାମରା ବ୍ଲକ୍ ରେ ୧୩୦, ଧନକଉଡ଼ା ବ୍ଲକ୍ ରେ ୬୪ , ଜମନକିରା ବ୍ଲକ୍‌ର ୨୮୨, ଯୁଯୁମୁରା ବ୍ଲକର ୧୯୨, କୁଚିଣ୍ଡା ବ୍ଲକ ର ୧୫୯, ମାନେଶ୍ୱର ବ୍ଲକ୍ ର ୧୨୪, ନାକଟିଦେଉଳ ବ୍ଲକ୍ ର ୨୦୭, ରେଢ଼ାଖୋଲ ବ୍ଲକ୍ ର ୨୭୭, ରେଙ୍ଗାଲି ବ୍ଲକ୍‌ର ୧୫୭ ଜନ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ପ୍ରଥମ କିସ୍ତି ଅର୍ଥ ୪୦,୦୦୦ ରାଶି ପ୍ରଦାନ ହେଲା । ଶ୍ରୀ ସଙ୍କୀର୍ତ୍ତନ କିଷାନ, ଆଭାସୀ ମାଧମରେ କୁଚିଣ୍ଡା ରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓସ୍ୱାନ ହଲ ରେ ଉପସ୍ଥିତ ରହି ଆଭାଷୀ ମାଧମରେ ଯୋଗ ଦେଇଥିଲେ ।

# ଦୀପାବଳୀ ଅବସରରେ ସମଲେଶ୍ୱରୀ ମନ୍ଦିରରେ ଜଳିଲା ୧୧ ହଜାର ଦୀପ



ସମ୍ବଲପୁର : ସମଲେଶ୍ୱରୀ ମନ୍ଦିରରେ ଦୀପାବଳି ଅବସରରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ପ୍ରାୟ ୧୧ ହଜାରରୁ ଅଧିକ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମା'ଙ୍କ ଦର୍ଶନ କରିବା ସହ ସପରିବାର ଦୀପ ଜାଳିଥିଲେ । ଟ୍ରଷ୍ଟବୋର୍ଡ ଅଧକ୍ଷ ସଂଜୟ ବାବୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟବୋର୍ଡର ଅନ୍ୟାନ୍ୟ ସଦସ୍ୟ ଓ ମନ୍ଦିରର ପୂଜକ ତଥା କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

# ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଡିସେମ୍ବର ୨୮ରୁ ଆରମ୍ଭ

ଝାରସୁଗୁଡ଼ା : ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମସୋତ୍ସବ ଚଳିତ ବର୍ଷର ଡିସେମ୍ବର ୨୮ ରୁ ଜାନୁଆରୀ ପହିଲା ସପ୍ତାହ ମଧରେ ଅନୁଷ୍ଠିତ ହେବ । ରଙ୍ଗ ମହଲ ଠାରେ ମହୋତ୍ସବର ସଭାପତି ବେଣୁଧର ସିଂହଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପ୍ରଥମେ କମିଟିର ପୂର୍ବତନ କାର୍ଯ୍ୟକାରୀ ନିରଞ୍ଜନ କରାଲି ଓ କମିଟି ର ସକ୍ରିୟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବାରିକ୍‌ଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା । ପରେ କାର୍ଯ୍ୟକାରୀ ସଭାପତି ନିରଞ୍ଜନ କରାଲୀଙ୍କ ସ୍ଥାନରେ କାର୍ଯ୍ୟକାରୀ ସଭାପତି ଭାବରେ ଉମାକାନ୍ତ ପଣ୍ଡା ଓ ଚିତ୍ତରଞ୍ଜନ ପଣ୍ଡାଙ୍କୁ ଉପସଭାପତି ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଚଳିତ ବର୍ଷ ଧନୁଯାତ୍ରା ମସୋତ୍ସବର ସ୍ମରଣିକା ପ୍ରକାଶ ପାଇବା ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ସ୍ମରଣିକାରେ ଶାନ୍ତନୁ ସିଂହ, ସଞ୍ଜୟ କୁମାର ସିଂହ, ପ୍ରଦିପ କୁମାର କରାଲି ଓ ଉମାକାନ୍ତ ପଣ୍ଡାଙ୍କ ଉପରେ ନ୍ୟସ୍ତ କରାଯାଇଛି । ବୈଠକରେ ଧନୁଯାତ୍ରା ମହୋତ୍ସବର ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, ସମେତ ସୈଖି ପ୍ରଧାନ, ବିରଞ୍ଚି ନାରାୟଣ ପ୍ରଧାନ,ପ୍ରଦିପ କୁମାର କରାଲୀ, ଉମାକାନ୍ତ ପଣ୍ଡା, ସଞ୍ଜୟ କୁମାର ସିଂହ, ଶାନ୍ତନୁ ସିଂହ, ଭୀଷ୍ମ ଦେବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଧନ୍ୟବାଦ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ସଂକଳ୍ପ ନେଇଛନ୍ତି ।

# ଉତ୍କଳ ବାଳ ଆଶ୍ରମରେ ଦୀପାବଳି ପାଳନ

ସମ୍ବଲପୁର : ଦୀପାବଳି ଅବସରରେ ଜିଲ୍ଲାପାଳ ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉତ୍କଳ ବାଳ ଆଶ୍ରମର ଅନ୍ତେବାସୀମାନଙ୍କ ସହିତ ଦୀପାବଳି ଉତ୍ସବ ପାଳନ କରିଥିଲେ । ଏହି ଅବସରରେ ଶିଶୁମାନଙ୍କ ସହିତ ଦୀପାବଳିର ଆଲୋକ ଓ ଆନନ୍ଦ ସହିତ ସେମାନଙ୍କ ସହ ଉତ୍ସବ ଅନୁଭବ ଅଦାନ-ପ୍ରଦାନ ହେଲା । ମୋଟ ୬୫ ଉତ୍କଳ ବାଳ ଆଶ୍ରମ ଶିଶୁଙ୍କ ସହିତ ପର୍ବ ପାଳନ କରିଲେ ଏବଂ ଖୁବ୍ ଆନନ୍ଦ, ଆଲୋକ ଓ ଖୁସିରେ ଭରିଥିଲା ପରିବେଶ ।

# ତାଲମାଲ ଠାରେ ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ଉଦଘାଟିତ



ଝାରସୁଗୁଡ଼ା : ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ତାଲମାଲ ଠାରେ ଏକ ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ଉଦଘାଟିତ ହୋଇଛି । ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଚିକିତ୍ସାଳୟକୁ ଉଦ୍‌ଘାଟନ କରିଥିଲେ । ଆୟୋଜିତ ସଭାରେ ବିଧାୟକ ଶ୍ରୀ ତ୍ରିପାଠୀ ଉଦ୍‌ବୋଧନ ଦେଇ ଲୋକେ ସୁସ୍ଥ ଓ ନିରାମୟ ଜୀବନ ଯାପନ କରନ୍ତୁ ଏହି କାମନା କରି ସରକାରଙ୍କ ପକ୍ଷରୁ ଆୟୁର୍ବେଦ ଚିକିତ୍ସାଳୟ ନିର୍ମାଣ କରାଯିବା ସହ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଥିଲେ ।

# ମହାଭାରତ ଆଦିପର୍ବ : ଶାନ୍ତନୁ ଜନ୍ମ କଥା



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

**କି**ଏ କୁହନ୍ତି ମହାଭାରତର ମହାଯୁଦ୍ଧ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ହୋଇଥିଲା ତ ଅନ୍ୟ କିଏ କୁହନ୍ତି ଶ୍ରୀକୃଷ୍ଣ ଓ ଶକୁନିଙ୍କ ମଧ୍ୟରେ । ପରନ୍ତୁ ମହାଭାରତ କୌରବ - ପାଣ୍ଡବ କିମ୍ବା ଶକୁନି- ଶ୍ରୀକୃଷ୍ଣଙ୍କ ମଧ୍ୟରେ ହୋଇ ନ ଥିଲା । ଏହା ସଂଘଟିତ ହୋଇଥିଲା ଦୁଇ ପାରମ୍ପରିକ ଶତ୍ରୁ ଧର୍ମ ଓ ଅଧର୍ମ ମଧ୍ୟରେ । ଦ୍ୱାପରଯୁଗର ଶେଷ ଆଡକୁ ପୃଥିବୀ ପୃଷ୍ଠରେ ପାପ କର୍ମ ବୃଦ୍ଧି ପାଇବାକୁ ଲାଗିଲା । ଅତିଷ୍ଠ ପୃଥିବୀ ମାତା ପରଂ ପିତା ବ୍ରହ୍ମାଙ୍କ ଶରଣ ଗଲେ । ପାପଭାରାରୁ ମୁକ୍ତ କରିବାକୁ ବିନତି କଲେ । ବ୍ରହ୍ମାଦି ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କୁ ସାକ୍ଷାତ କରି ପୃଥିବୀ ମାତାଙ୍କ ଦୁଃଖ ଜଣେଇଲେ । ପାପଭାର ଲାଘବ ପାଇଁ ମର୍ତ୍ତ୍ୟଲୋକରେ ଅଂଶାବରରିତ ହେବାକୁ ପ୍ରାର୍ଥନା କଲେ । ବୈକୁଣ୍ଠାଧିପତି ତାଙ୍କ ପ୍ରାର୍ଥନା ସହର୍ଷ ସ୍ୱୀକାର କଲେ । ପରଂ ପିତା ବ୍ରହ୍ମା ସମସ୍ତ ଦେବତା, ଗନ୍ଧର୍ବ ଓ ଅପସରାଙ୍କୁ ନିଜ ଅଂଶରୁ ପୃଥିବୀରେ ଅବତାର ନେବାକୁ କିମ୍ବା ସନ୍ତାନ ଉତ୍ପନ୍ନ କରିବାକୁ ଆଗ୍ରହ ପ୍ରକାଶ କଲେ । ତାଙ୍କରି ଆଦେଶ ଅନୁସାରେ କିଛି ଦେବତାଙ୍କ ପୃଥିବୀରେ ଅଂଶାବତରଣ ହେଲା । ଅନ୍ୟ କିଛି ନିଜନିଜ ସନ୍ତାନ ଉତ୍ପନ୍ନ କଲେ । ବ୍ରହ୍ମଦେବ ନିଜ ଇଚ୍ଛାଶକ୍ତି ବଳରେ ପରାଶର ଆତ୍ମଜ ମହର୍ଷି ବେଦବ୍ୟାସ ଓ ବିଦ୍ୟାଦାତା ଗଣେଶଙ୍କ ମାଧ୍ୟମରେ ରଚନା କଲେ ହିନ୍ଦୁ ସଂସ୍କୃତିର ସ୍ମୃତି ଗ୍ରନ୍ଥ । ମହାକାବ୍ୟ ମହାଭାରତ ।

ଦ୍ୟୁ ନାମକ ବସୁ ପିତାମହ ଭୀଷ୍ମ ରୂପେ ଜନ୍ମ ନେଲେ । ବୃହସ୍ପତିଙ୍କ ଅଂଶରୁ ଦ୍ରୋଣାଚାର୍ଯ୍ୟ ଉତ୍ପନ୍ନ ହେଲେ । ଦ୍ୱାପର ଯୁଗର ଅଂଶରୁ ଶକୁନି ଓ କଳି ଯୁଗର ଅଂଶରୁ ଦୁର୍ଯ୍ୟୋଧନ ଜନ୍ମ ଗ୍ରହଣ କଲେ । କୁନ୍ତିଙ୍କ ଗର୍ଭରୁ ଭଗବାନ ସୂର୍ଯ୍ୟଦେବ କର୍ଣ୍ଣଙ୍କୁ ଜନ୍ମ ଦେଲେ । ଧର୍ମଦେବ ଯୁଧିଷ୍ଠିର, ବାୟୁଦେବ ଭୀମ, ଦେବରାଜ ଇନ୍ଦ୍ର ଅର୍ଜୁନ ଓ ଦେବ ଚିକିତ୍ସକ ସୂର୍ଯ୍ୟ ପୁତ୍ର ଅଶ୍ୱିନୀକୁମାର ଜମଜ ନକୁଳ ଓ ସହଦେବଙ୍କୁ ନିଜ ନିଜ ପୁତ୍ର ରୂପେ ଉତ୍ପନ୍ନ କଲେ । କୁନ୍ତୀ ଦେବୀ ସିଦ୍ଧିଙ୍କ ଅଂଶରୁ ରଜା ଶୂରସେନଙ୍କ ପୁତ୍ରୀ ରୂପେ ଜନ୍ମ ନେଲେ । ତାଙ୍କ ନାମ ପୃଥା ଥିଲା । ଶୂରସେନ ତାଙ୍କ ପୁତ୍ରୀ ପୃଥାକୁ ନିଜ ପିତୃଷ୍ୱସାଙ୍କ ସନ୍ତାନହୀନ ପୁତ୍ର କୁନ୍ତୀ ରାଜ୍ୟ ରଜା କୁନ୍ତୀଭୋଜଙ୍କୁ ଦେଇଥିଲେ । ତେଣୁ ତାଙ୍କ ନାମ କୁନ୍ତୀ ପଡିଲା । କିଛିକାଳ ଅନ୍ତେ ଶୂରସେନଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହେଲା । ନାମ ବସୁଦେବ । ଯୁବାବସ୍ଥା ହୁଅନ୍ତେ ତାଙ୍କ ବିବାହ ରାଜା କଂସର ଭଉଣୀ ଦେବକୀଙ୍କ ସହ ସମ୍ପନ୍ନ ହେଲା । ଦେବକୀ - ବସୁଦେବଙ୍କ ବିବାହ ସମୟରେ ଆକାଶବାଣୀ ହୁଏ ଯେ ଦେବକୀର ଅଷ୍ଟମ ଗର୍ଭରୁ ଜନ୍ମିତ ପୁତ୍ର ହାତରେ କଂସର ମୃତ୍ୟୁ ହେବ । ଏଥିରେ ବିଚଳିତ କଂସ ତୁରନ୍ତ ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରି କାରାଗାରରେ ନିକ୍ଷେପ କଲା । ଗୋଟିଗୋଟି କରି ସମସ୍ତ ନିଷ୍ପାପ ଶିଶୁଙ୍କୁ ହତ୍ୟା କରିଚାଲିଲା । କାରାଗାରରେ ଦେବକୀ ଗର୍ଭରୁ ଭଗବାନ ବିଷ୍ଣୁ ଅଷ୍ଟମ ସନ୍ତାନ ଭାବେ କୃଷ୍ଣ ରୂପରେ ଜନ୍ମ ନେଲେ । ପିତା ବସୁଦେବ ସମସ୍ତଙ୍କ ଅଜାଣତରେ କୃଷ୍ଣଙ୍କୁ ଯମୁନାପାରି ଗୋକୁଳରେ ଯଶୋଦା ମାଇଙ୍କ କୋଳରେ ଦେଇ ସେଠି ଜନ୍ମିତା ବିଜୁଳିକନ୍ୟା ଘେନି ମଥୁରା କାରାଗାରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏସବୁ ଥିଲା ଲୀଳାମୟଙ୍କ ଲୀଳା । ମଣିଷ ଗୋଚର ବାହାର କଥା । କୃଷ୍ଣ ରୂପୀ ଭଗବାନ ବିଷ୍ଣୁ ବାଲ୍ୟାବସ୍ଥାରୁ ତାଙ୍କ ଅଦ୍ଭୁତ ଲୀଳା ପ୍ରାରମ୍ଭ କଲେ । ପୁତନା, ବତ୍ସାସୁର, ଅଘାସୁର, ଶକଟାସୁର ବକାସୁର, ତୃଣାବର୍ତ୍ତ, ନରକାସୁର, ଶିଶୁପାଳ, ଦନ୍ତବକ୍ର ଓ କଂସ ସମେତ ଅନେକ ଅଧର୍ମୀଙ୍କ ବିନାଶ କରିଥିଲେ । କାଳୀୟ ଦଳନ ଦ୍ୱାରା ଯମୁନା ଜଳ ବିଷମୁକ୍ତ ହେବା ସହ ଲୋକଙ୍କ ଜୀବନ ରକ୍ଷା ହୋଇଥିଲା ।

ମହାକାବ୍ୟ ମହାଭାରତରେ ମହାପ୍ରତାପୀ ରଜା ମହାଭୀଷର ଉଲ୍ଲେଖ ରହିଛି । ମୃତ୍ୟୁ ପରେ ସେ ସ୍ୱର୍ଗଲୋକରେ ବାସ କରୁଥିଲେ । ସ୍ୱର୍ଗରେ ବାସକରୁଥିବା ଅନେକ ମହର୍ଷି କୌଣସି କାମରେ ଏକଦା ବ୍ରହ୍ମାଙ୍କୁ ସାକ୍ଷାତ କରିବାକୁ ବ୍ରହ୍ମଲୋକ ପହଞ୍ଚିଲେ । ଅଳ୍ପ ସମୟ ଅନ୍ତେ ଦେବୀ ଗଙ୍ଗା ବ୍ରହ୍ମଦେବଙ୍କୁ ସାକ୍ଷାତ କରିବାକୁ ପହଞ୍ଚିଲେ । ବାର୍ତ୍ତାଳାପ ସମୟରେ ପବନ ପ୍ରବାହରୁ ତାଙ୍କ ପରିଧାନ ଅଙ୍ଗରୁ ଅଳ୍ପ ଖସିଗଲା । ଏହା ଦେଖି ଉପସ୍ଥିତ ସମସ୍ତ ମହର୍ଷି ଆଖି ତଳକୁ କଲେ । କିନ୍ତୁ ମହାଭୀଷ ଦେବୀ ଗଙ୍ଗାଙ୍କୁ ଏକ ଲୟରେ ଅନାଇ ରହିଲେ । ତାଙ୍କ ରୂପଲାବଣ୍ୟରୁ ମହାଭୀଷଙ୍କ ନୟନ ହଟୁ ନ ଥାଏ । ମହର୍ଷି ମହାଭୀଷଙ୍କ ଏତାଦୃଶ ଅଭଦ୍ର ଆଚରଣ ଯୋଗୁଁ ତାଙ୍କର ସମସ୍ତ ପୂଣ୍ୟ ନଷ୍ଟ ଗଲା । ବ୍ରହ୍ମଦେବ କହିଲେ ସମସ୍ତ ପୂଣ୍ୟ ନଷ୍ଟ କାରଣରୁ ତାଙ୍କୁ ପୁନଃ ପୃଥିବୀରେ ଜନ୍ମ ନେବାକୁ ହେବ । ଏହା ଶୁଣି ମହର୍ଷି ମହାଭୀଷ ଭୀଷଣ ଦୁଃଖିତ ହେଲେ । ତାଙ୍କୁ କୁରୁବଂଶୀ ରାଜା ପ୍ରତୀପଙ୍କ ପୁତ୍ର ରୂପେ ଜନ୍ମ ମିଳୁ କହି ପରମପିତା ବ୍ରହ୍ମାଙ୍କୁ ଯାଚନା କଲେ । କାରଣ ରାଜା ପ୍ରତୀପ ଥିଲେ ପ୍ରବଳ ପରାକ୍ରମୀ, ପ୍ରଜାବତ୍ସଳ ଏବଂ ଧର୍ମପରାୟଣ । ତେଣୁ ମହାଭାରତ ମହାଯୁଦ୍ଧର କେନ୍ଦ୍ର ସାଜିଲା ହସ୍ତିନାପୁର ଓ ପାଦପୀଠର ପ୍ରଥମ ପ୍ରସ୍ତର ମହାଭୀଷ ।

ମୋକ୍ଷ ପ୍ରଦାନକାରୀ ଦେବୀ ଭାବେ ଦେବୀ ଗଙ୍ଗା ତିନିଲୋକରେ ପରିଚିତ । ଅଷ୍ଟବସୁ ଏକଦା ଦେବୀ ଗଙ୍ଗାଙ୍କ ନିକଟରେ ଉପସ୍ଥିତ ହେଲେ । ମହର୍ଷି ବଶିଷ୍ଠଙ୍କ ମନୁଷ୍ୟ ଯୋନିରେ ଜନ୍ମ ନେବା ଅଭିଶାପରୁ ତାଙ୍କୁ ମୁକ୍ତି ପ୍ରଦାନ କରିବାକୁ ବିନତି କଲେ । ଦେବୀ ଗଙ୍ଗା ତାଙ୍କୁ ଆଶ୍ୱସ୍ତ କଲେ । ନିଜ ଗର୍ଭରେ ଧାରଣ କରିବାର ଅଭୟ ଦେଲେ । ଜନ୍ମ ପରେ ତତ୍କାଳ ଜଳସ୍ରୋତରେ ପ୍ରବାହ କରି ମନୁଷ୍ୟ ଯୋନିରୁ ମୁକ୍ତ କରବାର ପ୍ରତିଶ୍ରୁତି ପ୍ରଦାନ କଲେ । କିନ୍ତୁ ପରେ ଚିନ୍ତା କଲେ ମନୁଷ୍ୟଲୋକରେ କାହା ସହିତ ବିବାହ କରି ସେ ଅଷ୍ଟବସୁଙ୍କୁ ଜନ୍ମ ଦେବେ । ଏତିକିବେଳେ ମହାଭୀଷଙ୍କ କଥା ତାଙ୍କ ସ୍ମରଣ ହେଲା ଯିଏ ବ୍ରହ୍ମଲୋକରେ ହସ୍ତିନାପୁର ମହାରଜ ପ୍ରତୀପଙ୍କ ପୁତ୍ର ରୂପେ ଜନ୍ମ ନେବା ପାଇଁ ବ୍ରହ୍ମାଙ୍କୁ ବିନତି କରିଥିଲେ । ଦେବୀ ଗଙ୍ଗା ମନୁଷ୍ୟ ରୂପ ଧାରଣ କରି ହସ୍ତିନାପୁର ଅଭିମୁଖେ ପ୍ରୟାଣ କଲେ । ମହାରାଜ ପ୍ରତୀପଙ୍କ ସହ ତାଙ୍କର ଗଙ୍ଗାଦ୍ୱାର ନାମକ ସ୍ଥାନରେ ସାକ୍ଷାତ ହେଲା । ନିଜ ଧର୍ମପତ୍ନୀଙ୍କ ସହିତ ସେତେବେଳେ ମହାରାଜ ସନ୍ତାନ ପ୍ରାପ୍ତି ପାଇଁ ତପସ୍ୟା କରୁଥିଲେ । ନିଜ ପରିଚୟ ଦେଇ ଦେବୀ ଗଙ୍ଗା ସମସ୍ତ ବୃତ୍ତାନ୍ତ ଅମୁଳଚୁଳ ବର୍ଣ୍ଣନା କଲେ । ତାଙ୍କ ଭାବୀ ପୁତ୍ରର ପତ୍ନୀ ହେବାକୁ ନିବେଦନ କଲେ । ମହାରାଜଙ୍କ ସମ୍ମତି ପାଇ ଦେବୀ ଗଙ୍ଗା ନିଜ ମୂଳ ସ୍ୱରୂପକୁ ଆସି ଅନ୍ତର୍ଦ୍ଧାନ ହୋଇଗଲେ । ରଜା ପ୍ରତୀପ ବୁଢ଼ା ହୋଇ ସାରିଥିଲେ ଓ ତାଙ୍କ ବଂଶ ଶାନ୍ତ ହେବା ଦେଖା ଯାଉଥିଲା । ଦେବଯୋଗରୁ ମହର୍ଷି ମହାଭୀଷ ତାଙ୍କ ପୁତ୍ର ରୂପେ ଜନ୍ମ ନେଲେ । ବଂଶ ଶାନ୍ତ ହେବା କାଳରେ ଜନ୍ମ ନେଇଥିବାରୁ ତାଙ୍କ ନାମ ଶାନ୍ତନୁ ପଡିଲା । ବୃଦ୍ଧାବସ୍ଥାରେ ପୁତ୍ର ପ୍ରାପ୍ତି ହେତୁ ସେ ଈଶରଙ୍କୁ ପ୍ରଣିପାତ ପୂର୍ବକ କୃତଜ୍ଞତା ଜ୍ଞାପନ କଲେ । ପ୍ରଜା ପାଳନରେ ନିଜକୁ ନିଶ୍ଚିନ୍ତରେ ନିୟୋଜିତ କଲେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

# ଶାନ୍ତ ମନରେ ଧ୍ୟାନ ସାଧ୍ୟ ହୁଏ

**ଧ୍ୟାନ** ଅର୍ଥାତ୍ ସ୍ଥିରତା, ଏକାଗ୍ରତା, ତନ୍ମୟତା । ଧାରଣାର ପ୍ରବାହରେ ଯେବେ ମନର ଲୟ ହେବାରେ ଲାଗେ ଓ ମନ ଯେତେବେଳେ ସେହି ଦିଗରେ ପ୍ରବାହିତ ହୁଏ, ସେଥିରେ ଲୀନ ହୋଇଯାଏ ସେତେବେଳେ ତାହାକୁ ଧ୍ୟାନ କହନ୍ତି । ପତଞ୍ଜଳି କହିଛନ୍ତି- ତତ୍ର ପ୍ରତ୍ୟୈକତାନତା ଧ୍ୟାନମ୍ ଅର୍ଥାତ୍ ଯାହା ଆମେ ଧାରଣା କଲେ ତାହା ସହିତ ମନର ତାଦାତ୍ମ୍ୟ ହେଲେ, ସେଥିରେ ମନ ତଦାକାର ହେଲେ, ଧ୍ୟାନ ହେଲା ବୋଲି ବୁଝିନିଅ । ପ୍ରାୟ ମନ ଗୋଟିଏ ବିଷୟରେ ତିଷ୍ଠି ରହେ ନାହିଁ । ତିଷ୍ଠି ରହିବା ତାହାର ସ୍ୱଭାବ ନୁହେଁ । ସେ ଚଞ୍ଚଳ ହୋଇଥାଏ । କ୍ଷଣିକ ପାଇଁ ବି ତାହା କେଉଁଠି ଅଟକେ ନାହିଁ । କେତେବେଳେ କୌଣସି ବିଚାର ମନରେ ଆସେ ତ କେତେବେଳେ ଅନ୍ୟ କୌଣସି ବିଚାର ଆସେ । କେତେବେଳେ କେଉଁ ଭାବ ଉତ୍ପନ୍ନ ହୁଏ ତ ଆଉ କେତେବେଳେ ସ୍ମୃତି ଘେରିନିଏ ।

ବିଚାର, ବୃତ୍ତି ଓ ସ୍ମୃତି ଏଗୁଡିକର ଲହରୀ ମନର ସରୋବରରେ ଉତ୍ପନ୍ନ ହୋଇଥାଏ ଏବଂ ଏହି ଲହରୀଗୁଡିକ ଥମିବାର ନାଁ ଧରେ ନାହିଁ । ଆମେ ଶୋଇ ନ ଯିବା ପର୍ଯ୍ୟନ୍ତ କିଛି ନା କିଛି ଭାବିଥାଉ । ସକାଳୁ ଉଠିବା ପର ଠାରୁ ରାତିରେ ଶୋଇବାକୁ ଯିବାର ପୂର୍ବ ପର୍ଯ୍ୟନ୍ତ ଯଦି ଆମେ ନିଜର ମନକୁ ଦେଖିବା ଅର୍ଥାତ୍ ମନର ଖେଳ ଦେଖିବା ଯେ ଆମେ କ'ଣ ସବୁ କରିଥାଉ ?



ଦେଖିବାକୁ ମିଳିବ ଯେ ଆମେ କିଛି ନା କିଛି ଭାବିଥାଉ, ସେହି ଭାବିବାର ମଧ୍ୟ ବିବିଧ ରୂପ ଥାଏ ।

କେବେ ଆମ ମନରେ କଳ୍ପନା ଜନ୍ମନିଏ ତ କେବେ କୌଣସି ଇଚ୍ଛା ଜାତ ହୁଏ । କେବେ କୌଣସି ଭାବ ଉଠେ ତ କେବେ କାହା କଥା ମନେପଡେ । ଅର୍ଥାତ୍ ଅନେକ ପ୍ରକାର ବିଚାର ଓ ଭାବ ଉତ୍ପନ୍ନ ହେଉଥାଏ, ଥମେ ନାହିଁ । ଶୋଇଯିବା ପରେ ଯେ ଏହା ଅଟକିଯାଏ, ଏହା ଆମେ ନିଶ୍ଚିତ ରୂପେ କହି ପାରିବା ନାହିଁ । କାରଣ ଯଦି ଶୋଇଯିବା ପରେ ଏହା ଥମି ଯାଉଥାନ୍ତା, ତାହେଲେ ସ୍ୱପ୍ନ କାହିଁକି ଆସନ୍ତା ? ମନରେ, ମସ୍ତିଷ୍କରେ କିଛି ନା କିଛି ଚାଲୁଥିବାରୁ ସ୍ୱପ୍ନ ମଧ୍ୟ ଆସେ ଏବଂ ଏହି ସ୍ଥିତି ଆଜିର ନୁହେଁ, ବରଂ ଯେବେ ଠାରୁ ଆମର ହୋସ ଆସିଲା, ଆମେ ହେତୁ ପାଇଲେ ଓ ଜୀବନଯାପନ କରିବା ଆରମ୍ଭ କଲେ ସେବେଠାରୁ ଏହା ଲାଗି ରହିଛି ।

ପିଲାମାନେ ତ କେତେ ଥର ସ୍ୱପ୍ନ ଦେଖନ୍ତି ଓ ସ୍ୱପ୍ନକୁ ସତ୍ୟ ମାନି ନିଅନ୍ତି, ଯେପରିକି ସ୍ୱପ୍ନରେ ସେମାନେ ନିଜ ପାଇଁ ଖେଳଣା ସଂଗ୍ରହ କରି ନେଇଥାନ୍ତି । ଆମର ଯାହା ଇଚ୍ଛା ହୋଇଥାଏ, ତାହାର ଆଖପାଖ ବିଷୟକୁ ନେଇ ଆମେ ସ୍ୱପ୍ନ ଦେଖିଥାଉ, ସେଥିପାଇଁ ପିଲାମାନେ ଉଠିବା ପରେ ଖେଳଣା ଖୋଜନ୍ତି ଓ ପଚାରନ୍ତି ମୋ ଖେଳଣା କେଉଁଆଡେ ଗଲା ? ଏବେ ତ ଏଇଠି ରଖିଥିଲି । ସେମାନଙ୍କୁ ଜଣା ହିଁ ନ ଥାଏ ଯେ ସେମାନେ ସ୍ୱପ୍ନ ଦେଖିଥାନ୍ତି, ଯାହାକି ବାସ୍ତବତା ନୁହେଁ । ଏହିପରି ଆମର ମନ ସହଜରେ କେଉଁଠି ତିଷ୍ଠେ ନାହିଁ । କେଉଁଠି ସ୍ଥିର ରହେ ନାହିଁ । ମନକୁ ସ୍ଥିର କରିବା କଥା ଆମେ ଭାବିଥାଉ ।

ଧ୍ୟାନ କରିବାକୁ ବସିବା ବେଳେ ମନ ଭିତରେ ବଡ଼ ଟଣାଓଟରା ହୋଇଥାଏ । ଅନେକ ଦିଗାରେ ମନ ଟାଣି ହୋଇଯାଏ ଏବଂ କେତେ ଥର ଆମର ଧ୍ୟାନ ଏହି କାରଣରୁ କ୍ଲାନ୍ତିରେ ପରିଣତ ହୋଇଯାଏ । ଆମେ ଥକିଯାଉ, କାରଣ ସାଧାରଣ ସ୍ଥିତିରେ ସାଧାରଣ ଭାବରେ ଆମେ ମନ ସହିତ ଟଣାଓଟରା କରି ନ ଥାଉ । ମନ ଯାହା କରିବାକୁ ଚାହିଁଥାଏ ତାକୁ କରିବାକୁ ଦେଉ, କିନ୍ତୁ ଧ୍ୟାନ କଲା ବେଳେ ଆମେ ଭାବିଥାଉ ଯେ ଆମେ ଧ୍ୟାନ ଲଗାଇବା ଉଚିତ । ଏଥିରେ ଆମର ଏକାଗ୍ରତା ରହିବା ଦରକାର । ସେହି ବିଷୟ ଉପରେ ଆମେ କେନ୍ଦ୍ରିତ ହେବା ଦରକାର ଏବଂ ସେଥିପାଇଁ ଆମେ ବଡ଼ ଟଣାଓଟରା କରିଥାଉ । ଏହିପରି ଭାବରେ ଧ୍ୟାନ ଆମ ପାଇଁ ବିଶ୍ରାମ ନୁହେଁ ବରଂ କ୍ଳାନ୍ତି ହୋଇଯାଏ ।

ଆମେ କହି ପାରିବା ଯେ ଧ୍ୟାନ କଥା ତ ଜଣା ନାହିଁ, କିନ୍ତୁ କିଛି ସମୟ ଆମକୁ ଗଭୀର ନିଦ ଆସି ଯାଇଥିଲେ ବିଶ୍ରାମ ଅବଶ୍ୟ ମିଳିଥାନ୍ତା । ଆମକୁ ସତେଜତା, ସ୍ଫୁର୍ତ୍ତି ମିଳିଥାନ୍ତା, କିନ୍ତୁ ଧ୍ୟାନରେ ଏପରି ମିଳିପାରୁ ନାହିଁ, କାରଣ ଧ୍ୟାନରେ ମନକୁ ଏକାଗ୍ର କରିବାର ଚେଷ୍ଟାରେ ଆମେ ଥକି ଯାଉଛୁ । କୁହାଯାଏ ଧ୍ୟାନରେ ବଡ଼ ଆନନ୍ଦ ମିଳେ, କିନ୍ତୁ ଏହି ଧାଁ ଦଉଡ଼ରେ, ଏହି କ୍ଳାନ୍ତିରେ ଆନନ୍ଦ ମିଳିବ କିପରି ? କାରଣ ଏପରି ଧ୍ୟାନକୁ କରିବାରେ ଆମେ ମନକୁ ଏକାଗ୍ର କରିବାର ଚେଷ୍ଟାରେ ହିଁ ଲାଗି ରହିଥାଉ ।

ସତ କଥା ହେଲା ଧ୍ୟାନ ହିଁ ଏଭଳି ଏକ ପ୍ରକ୍ରିୟା, ଏପରି ଏକ ବିଧି, ଯାହା ବିନା କୌଣସି ଚେଷ୍ଟାରେ ପୂରଣ ହୋଇଥାଏ ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**

## ଆଜିର ଚିନ୍ତନ

**ମ**ନୁଷ୍ୟ ଜୀବନରେ ଯାହାକିଛି ଘଟେ ସେ ଭାବିଥାଏ କିଛି ଭୁଲ କରିବା ଦ୍ୱାରା ଏସବୁ ଘଟୁଛି । ସମସ୍ତେ ଭୁଲି ଯାଇଥାନ୍ତି ଯାହା କିଛି ଘଟୁଥାଏ ସେସବୁ ପ୍ରଭୁଙ୍କ କୃପାରୁ ହୋଇଥାଏ । କେବେ କେମିତି ଜୀବନରେ ବିପରି ଆସିଲେ ମନୁଷ୍ୟ ଅତ୍ୟନ୍ତ ଭୟଭୀତ ହୋଇଯାଏ । ସେତେବେଳେ ସେ ପ୍ରଭୁଙ୍କୁ ଦୋଷାରୋପ କରି କହିହୁଏ-ପ୍ରଭୁ ମୋ ପ୍ରତି ନିଷ୍ଠୁର ହେଇଗଲେ । ଦିନଟି ଭଲ ହୋଇଥାଉ କି ଖରାପ ପ୍ରତିଟି ଦିନ ପ୍ରଭୁଙ୍କ କୃପାରୁ ଆମ ଜୀବନକୁ ଆସିଥାଏ । ଜୀବନରେ ଭଲ- ଖରାପ ଆସିବ,କାରଣ ପୂର୍ବ କର୍ମ ବିଷୟରେ ଆମକୁ କିଛି ଜଣା ନଥାଏ । କେବେ ଅତି କଠିନ ସମୟ ମନୁଷ୍ୟ ଜୀବନକୁ ଆସିଲେ ଭୟରେ କାତର ହୋଇଯିବା ଅନୁଚିତ । ସେଇ କଠିନ ସମୟ ମଧ୍ୟରେ ବି କିଛି ଭଲ ଛପି ରହିଥାଏ ଯାହା ମନୁଷ୍ୟ ବୁଝିନପାରି ଭୟାତୁର ଅବସ୍ଥାରେ ଅନ୍ଧବିଶ୍ୱାସର ଶିକାର ହୁଏ । ପ୍ରକୃତରେ ଜୀବନ ଏଭଳି ଜିଇଁବାକୁ ଚାହିଁଥାଏ ଯେମିତି ପ୍ରଭୁଙ୍କ ଇଚ୍ଛାରେ ସବୁକିଛି ଚାଲିଛି । ତାଙ୍କରି ଇଶାରାରେ ସବୁକିଛି ହେଉଛି । ମନୁଷ୍ୟ ଯଦି ଏତକ ବୁଝି ପାରନ୍ତା ସାରା ଜୀବନ ଖୁସି ଆନନ୍ଦରେ ବିତେଇ ଦିଅନ୍ତା । ଏବେ ମନୁଷ୍ୟର ସମସ୍ତ କର୍ମ ଓ ଜୀବନଶୈଳୀ ଅଲଗା ଅଲଗା ହୋଇଯାଇଛି । କେବେ ଦିନେ ଏଭଳି ଆସିବ ଦୁଃଖ- ସମସ୍ୟା ଚାରିପଟୁ ମାଡ଼ିଆସିବ । ତଥାପି ସମସ୍ତଙ୍କର ଧ୍ୟାନ ପ୍ରଭୁଙ୍କ ପ୍ରତି ରହିବା ଆବଶ୍ୟକ । ଜୀବନ ପ୍ରତି ମୁହୂର୍ତ୍ତରେ ଧୀରେ ଧୀରେ ଆଗକୁ ଆଗଉଥାଏ । ଧାର- କରଜ, ହାନି- ଲାଭ ମନୁଷ୍ୟ ଜୀବନରେ ଅହରହ ଚାଲିଥାଏ । କିନ୍ତୁ ଏସବୁ ବାହ୍ୟ ଜୀବନର ସାରାଂଶ । ଯଦି ଅନ୍ତଃକରଣରେ ପ୍ରଭୁଙ୍କ ସହିତ କୃପାଲାଭ ହୋଇଗଲା ତେବେ ସେସବୁ ବାହ୍ୟ ସମସ୍ୟା କିଛି ବି ଅନିଷ୍ଟ କରିପାରିବ ନାହିଁ । ସେହି ସ୍ଥାନରେ ପହଞ୍ଚିବାକୁ ହେଲେ ଧ୍ୟାନ, ଯୋଗାଭ୍ୟାସ ଜରୁରୀ ହୋଇଥାଏ । ଯାହାଫଳରେ ପ୍ରଭୁଙ୍କ କୃପା ଅଚିରେ ମିଳିପାରିବ । ପ୍ରଭୁ ଆମ ଭିତରେ ଅଛନ୍ତି । କେବଳ ତାଙ୍କଠାରେ ସମର୍ପିତ ହେବାକୁ ସମୟ ଦେବାକୁ ପଡ଼ିବ ।

ବର୍ଷ ୨୯, ସଂଖ୍ୟା - ୪୩, ୨୬ ଅକ୍ଟୋବର - ୦୧ ନଭେମ୍ବର ୨୦୨୫

# ସବୁଜ ବିକାଶ

ବିକାଶ ମନୁଷ୍ୟକୃତ, ଯାହା ପ୍ରଗତିର ବାର୍ତ୍ତାବହ ଓ ପରିବର୍ତ୍ତନର ସୂତ୍ରଧର ହୋଇଥାଏ । କିନ୍ତୁ ଏବେ ପୃଥିବୀର ପରିବେଶଗତ ଦୁରବସ୍ଥାକୁ ଦେଖିଲେ ପ୍ରଶ୍ନ ଉଠୁଛି ଯେ କେଉଁ ଭଳି ବିକାଶ ଆମମାନଙ୍କର କାମ୍ୟ ? କାରଣ ବିକାଶ ନାମରେ ମନୁଷ୍ୟ ଯାହା କରି ଚାଲିଛି, ତାହା ପ୍ରଗତି ଓ ପ୍ରକୃତି ମଧ୍ୟରେ ସମନ୍ୱୟଧର୍ମୀ ହେବା ବଦଳରେ ସୃଷ୍ଟି କରିଛି ସଂଘାତ । ଶିଳ୍ପାୟନ, ସହରୀକରଣ, ଉପଭୋଗବାଦୀ ଜୀବନ ପ୍ରତି ଦୁର୍ବାର ମୋହ ଇତ୍ୟାଦି କାରଣରୁ ପ୍ରାକୃତିକ ସମ୍ପଦର ଦାରୁଣ ଦୋହନ କରାଯାଉଛି, ଯେଉଁ କାରଣରୁ ପ୍ରକୃତି କ୍ଷିପ୍ର ଗତିରେ ଅବକ୍ଷୟିଷ୍ଣୁ ହେବାରେ ଲାଗିଛି । ଏଭଳି ଏକ ସ୍ଥିତିରେ ପ୍ରତିକ୍ରିୟାଶୀଳ ପ୍ରକୃତି ମାନବ ଜାତି ଉପରେ ପ୍ରତିଶୋଧ ନେବାକୁ ପ୍ରସ୍ତୁତ, ଯାହା ପ୍ରକଟିତ ହୋଇଛି ଜଳବାୟୁ ପରିବର୍ତ୍ତନ ଜନିତ ଦାରୁଣ ପ୍ରାକୃତିକ ଦୁର୍ବିପାକରେ ।

ଯଦି ମାନବ ଜାତିର ଇତିହାସକୁ ଅନୁଧ୍ୟାନ କରିବା ତେବେ ଦେଖିବା ଯେ ବିକାଶ ପରିପ୍ରେକ୍ଷୀରେ ଉନବିଂଶ ଶତାବ୍ଦୀର ୟୁରୋପୀୟ ଶିଳ୍ପ ବିପ୍ଳବ ହେଉଛି ସର୍ବାଧିକ ପ୍ରଭାବଶାଳୀ କାଳ ବିଭାଜିକା, ଯାହା ପୂର୍ବର ପୃଥିବୀ ଠାରୁ ପରବର୍ତ୍ତୀ ପୃଥିବୀକୁ ସଂପୂର୍ଣ୍ଣ ଅଲଗା କରି ଦେଇଥିଲା । ବିକାଶ ପ୍ରକୃତି ପରିପନ୍ଥୀ ହୋଇ ଉଠିଥିଲା, ଯେଉଁ ଧାରା ଅଦ୍ୟାପି ପ୍ରବହମାନ ରହିଛି ।

ତେବେ ସୁଖର ବିଷୟ ହେଲା ଏ ନେଇ ମାନବ ଜାତିର ଚୈତନ୍ୟ ଉଦୟ ମଧ୍ୟ ହେଲାଣି । ୧୯୮୭ ମସିହାରେ ପ୍ରକାଶିତ ବ୍ରଣ୍ଡଲାଣ୍ଡ୍ ରିପୋର୍ଟସରେ ନିରନ୍ତର ଉନ୍ନୟନ ବା ବିକାଶର ପରିକଳ୍ପନା କରାଯାଇଥିଲା, ଯାହା ପ୍ରକୃତି ଅନୁକୂଳ । ନିରନ୍ତରତାର ମୂଳ ନୀତି ହେଉଛି ପ୍ରାକୃତିକ ଉତ୍ସରୁ ଚାହିଦା ମେଣ୍ଟାଇବା ସହିତ ଭବିଷ୍ୟତର ଆବଶ୍ୟକତା ପାଇଁ ଏହାକୁ ସକ୍ଷମ ଓ ସୁରକ୍ଷିତ କରି ରଖିବା । ପ୍ରାକୃତିକ ସମ୍ବଳର ବିବେକାନୁମୋଦିତ ବିନିଯୋଗ ହେଉଛି ଏହାର ବୈଶିଷ୍ଟ୍ୟ । ବିକାଶ କାରଣରୁ ପ୍ରକୃତିକୁ କ୍ଷତି ପହଞ୍ଚାଇଲା ଭଳି ବର୍ଜ୍ୟ ସୃଷ୍ଟି ଯେମିତି ନ ହୁଏ, ତାହା ଏଭଳି ପରିକଳ୍ପନାରେ ଗୁରୁତ୍ୱ ପାଇଥାଏ । ବିଶ୍ୱ ସମୁଦାୟ ବିଭିନ୍ନ ଜଳବାୟୁ ସମ୍ମିଳନୀ ଜରିଆରେ ଏଭଳି ବିକାଶ ପରିପ୍ରେକ୍ଷୀରେ ବାର୍ଷିକ ସମୀକ୍ଷା ଓ ସୁଧାର ପାଇଁ ଚେଷ୍ଟିତ । ବିତ୍ତ, ବିକାଶ ଓ ପରିବେଶ ମଧ୍ୟରେ ସମନ୍ୱୟ ଆଣିବା ହେଉଛି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ, ଯାହାକୁ ସବୁଜ ବିକାଶ ବୋଲି ମଧ୍ୟ କୁହାଯାଇପାରେ । ଏଭଳି ପରିବେଶ ଅନୁକୂଳ ବିକାଶରେ ବିକାଶର ଗତି ଓ ପରିବେଶର ସ୍ଥିତି ମଧ୍ୟରେ ସୁନ୍ଦର ଭାରସାମ୍ୟ ରଖିବାର ପ୍ରଯତ୍ନ କରାଯାଇଥାଏ ।

ତେବେ, ଏଭଳି ଭାରସାମ୍ୟ ରକ୍ଷା କରିବା ହେଉଛି ଏକ ଜଟିଳ ବିଷୟ । ଏହାର ମୂଳମନ୍ତ୍ର ହେଉଛି ବିକାଶ ପ୍ରକ୍ରିୟାରେ ପରିବେଶ ପ୍ରତି ହେବାକୁ ଥିବା କୁପ୍ରଭାବକୁ ଯଥାସାଧ୍ୟ ନ୍ୟୂନ କରିବାର ଉଦ୍ୟମ ଓ ପ୍ରତିକାରାତ୍ମକ ପଦକ୍ଷେପର ବ୍ୟବସ୍ଥା । ଏଥି ଲାଗି କୌଣସି ବିକାଶ ପ୍ରକଳ୍ପ ପୂର୍ବରୁ ପରିବେଶ ଲାଗି ହେବାକୁ ଥିବା ଲାଭ ଓ କ୍ଷତିର ଏକ ପୁଙ୍ଖାନୁପୁଙ୍ଖ ହିସାବ ଓ ବିଶଦ ରିପୋର୍ଟ ପ୍ରସ୍ତୁତ କରାଯିବା ଜରୁରି । ୨୦୨୧ ମସିହାରେ ଜାତିସଂଘ ପକ୍ଷରୁ ଉନ୍ନୟନର ଉପକାର ଓ ପରିବେଶୀୟ ଅପକାର ନିର୍ଣ୍ଣୟ ସକାଶେ ନୀତି ନିର୍ଦ୍ଧାରଣ କରାଯାଇଛି । ଭାରତ ସରକାର ମଧ୍ୟ ପରିବେଶ ପ୍ରଭାବ ଆକଳନ ନୀତି ପ୍ରଣୟନ କରିଛନ୍ତି । ନବୀକରଣକ୍ଷମ ସବୁଜ ଶକ୍ତିକୁ ପ୍ରାଧାନ୍ୟ, ଜନ ଭାଗୀଦାରିରେ ଜମି, ଜଳ ଓ ଜଙ୍ଗଲ ସଂରକ୍ଷଣ, ବୃତ୍ତାକାର ବିନିଯୋଗ ଚକ୍ର, ପ୍ରଦୂଷଣ ନିୟନ୍ତ୍ରଣ, ଜୈବ ମଣ୍ଡଳ ସୁରକ୍ଷା, ବିଦ୍ୟୁତ୍ ଚାଳିତ ଯାନ ବ୍ୟବହାର, ସବୁଜ ଜ୍ଞାନ କୌଶଳର ପ୍ରୟୋଗ, ଜୈବ କୃଷି, ପରିବେଶ ଅନୁକୂଳ ସହରୀକରଣ, ପ୍ଲାଷ୍ଟିକ ପରିହାର, ପ୍ରକୃତି ଓ ପରିବେଶକୁ କ୍ଷତି ପହଞ୍ଚାଉ ନ ଥିବା ଭଳି ପର୍ଯ୍ୟଟନ ଓ ସର୍ବୋପରି ପରିବେଶ ସୁରକ୍ଷା ନିୟମ ପାଳନ ଇତ୍ୟାଦି ଏଥିରେ ମହତ୍ତ୍ୱ ପାଇଥାଏ ।

ବିଶ୍ୱର ଅନେକ ଦେଶ ଏଭଳି ସଫଳ ଉଦାହରଣ ସୃଷ୍ଟି କରିଛନ୍ତି । କୋଷ୍ଟାରିକାର ପ୍ରକୃତି ପର୍ଯ୍ୟଟନ ଅନନ୍ୟ ଓ ଅନୁକରଣୀୟ । ସ୍ୱିଡେନର ଗୋଥେନବର୍ଗ ସହରର ଅଳିଆ ଆବର୍ଜନାରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ମାର୍ଗଦର୍ଶକ । ବ୍ରାଜିଲର ସବୁଜ ବିନିମୟ ଯୋଜନାରେ ନାଗରିକମାନେ ପୁନଃଚକ୍ରଣ ଯୋଗ୍ୟ ବ୍ୟବହୃତ ପଦାର୍ଥ ବିନିମୟରେ ବସ୍ ଯାତ୍ରା ଓ ଖାଦ୍ୟ ଟୋକନ ଇତ୍ୟାଦି ପାଉଛନ୍ତି । କାନାଡାର ପ୍ଲାଷ୍ଟିକ ବ୍ୟାଙ୍କ ଲୋକମାନଙ୍କ ଠାରୁ ପ୍ଲାଷ୍ଟିକ ବର୍ଜ୍ୟ କିଣି ଏହାକୁ ରାସ୍ତା ନିର୍ମାଣ ଇତ୍ୟାଦିରେ ଉପଯୋଗ କରୁଛି । ସବୁଜ ଜ୍ଞାନକୌଶଳରେ ସିଙ୍ଗାପୁର ସୁନ୍ଦର ସହରୀକରଣର ଉଦାହରଣ ପାଲଟିଛି, ଯେଉଁଠି ଖାଲୁଆ ସନ୍ତସନ୍ତିଆ ସ୍ଥାନରେ ଉଦ୍ୟାନ, ନର୍ଦ୍ଦମା ଜଳକୁ ସ୍ୱଚ୍ଛ କରି ଝରଣା ଓ ହ୍ରଦରେ ପରିଣତ କରାଯାଇଛି, ଯାହା ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି । ଜର୍ମାନି ସୌର ଓ ପବନ ଶକ୍ତିରୁ ଏହାର ବିଦ୍ୟୁତ୍ ଚାହିଦାର ପାଖାପାଖି ଦୁଇ- ତୃତୀୟାଂଶ ପୂରଣରେ ଉପଯୋଗ କରୁଛି । କେବଳ ସରକାରଗୁଡ଼ିକ ନୁହନ୍ତି, ବିକାଶରୁ ହେଉଥିବା କ୍ଷତିର ଭରଣା ଲାଗି ଅନେକ ବ୍ୟକ୍ତି ଓ ଘରୋଇ ଅନୁଷ୍ଠାନ ଚେଷ୍ଟିତ । କେନିଆ ଭଳି ଏକ ଅନୁନ୍ନତ ଓ ଆର୍ଥିକ ଅନଗ୍ରସର ଦେଶ ସବୁଜ ବଳୟ ଆନ୍ଦୋଳନ ମାଧ୍ୟମରେ ଟାଙ୍ଗର ଅନୁର୍ବର ଜମିକୁ ଶସ୍ୟଶ୍ୟାମଳା କରିପାରିଛି । ନୋବେଲ ପୁରସ୍କାର ପ୍ରାପ୍ତ ୱାଙ୍ଗାରୀ ମାଥାଇ କେବଳ ମହିଳାମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରି ବିଧ୍ୱସ୍ତ ପରିସଂସ୍ଥାର ପୁନରୁଦ୍ଧାର କରିଛନ୍ତି । ଏହା ସହିତ ସେ ମହିଳା ସଶକ୍ତିକରଣର ଉଦାହରଣ ସ୍ଥାପନ କରିଛନ୍ତି । ଭାରତ ମଧ୍ୟ ଅକ୍ଷୟ ଓ ନବୀକରଣକ୍ଷମ ଉର୍ଜା ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ପରିବେଶ ଭାରସାମ୍ୟ ରକ୍ଷା ପାଇଁ ଉଦ୍ୟମ କରୁଛି । ସୌର ଶକ୍ତିରୁ ୨୦୦ ଗିଗାୱାଟରୁ ଅଧିକ ବିଦ୍ୟୁତ୍ ଉତ୍ପାଦିତ ହେଉଛି । ସବୁଜ ଉଦ୍‌ଜାନ ମିସନ, ଗ୍ରୀଡ୍ ସ୍କେଲରେ ନବୀକରଣକ୍ଷମ ଶକ୍ତିର ସଂରକ୍ଷଣ, ନଗର ବନ, ମିଶ୍ରିତ ଚାଷ ଓ ସବୁଜ ଭିତ୍ତିଭୂମି ନିର୍ମାଣକୁ ଅଗ୍ରାଧିକାର ଇତ୍ୟାଦି ତହିଁରେ ଅନ୍ତର୍ଭୁକ୍ତ । କୋଚିନକୁ ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ସୌର ଚାଳିତ ଅନ୍ତର୍ଜାତୀୟ ବିମାନବନ୍ଦରର ମାନ୍ୟତା ମିଳିଛି । ଦ୍ୱିତୀୟ ସର୍ବବୃହତ୍ ସବୁଜ ବଣ୍ଡ୍ ପ୍ରଚଳନକାରୀ ଦେଶ ଭାବରେ ପାଣି ସଂଗ୍ରହ ଓ ଜଳବାୟୁ ସହାୟକ କୃଷିକୁ ପ୍ରାଧାନ୍ୟ ଇତ୍ୟାଦି ମଧ୍ୟ ଆମର ଅନୁକରଣୀୟ ପ୍ରଚେଷ୍ଟା ।

ବିକାଶ ଅନିବାର୍ଯ୍ୟ ତା' ସହିତ ପ୍ରକୃତି ସୁରକ୍ଷା ମଧ୍ୟ ବିକଳ୍ପହୀନ ଏବଂ ଏବେ ବୁଝା ପଡ଼ିଲାଣି ଯେ ଏହି ଦୁଇଟି ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା ମଧ୍ୟ ସମ୍ଭବ ।



# ଯଥାର୍ଥ ଅର୍ଥ

## ମହାତ୍ମା ଗାନ୍ଧୀ

**ବ୍ରହ୍ମଚର୍ଯ୍ୟର** ସଂପୂର୍ଣ୍ଣ ଏବଂ ଯଥାର୍ଥ ଅର୍ଥ ହେଉଛି ବ୍ରହ୍ମଙ୍କୁ ଖୋଜିବା । ବ୍ରହ୍ମ ସକଳ ସତ୍ତାରେ ବିଦ୍ୟମାନ ରହିଛନ୍ତି ଏବଂ ତେଣୁ, ଅନ୍ତର୍ଗତ ସତ୍ତା ମଧ୍ୟରେ ପ୍ରବେଶ କରି ଓ ତାହାକୁ ଉପଲବ୍ଧି କରି ଆମେ ତାଙ୍କୁ ଖୋଜି ବାହାର କରି ପାରିବା । ଇନ୍ଦ୍ରିୟଗୁଡିକ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିବା ବ୍ୟତୀତ ଏହି ଉପଲବ୍ଧି କଦାପି ସମ୍ଭବ ନୁହେଁ । ଏହି ପରି ଭାବରେ, ବ୍ରହ୍ମଚର୍ଯ୍ୟ କହିଲେ ଭାବନା, ବାକ୍ୟ ଏବଂ କର୍ମରେ, ସକଳ ଇନ୍ଦ୍ରିୟ ଉପରେ ସର୍ବଦା ତଥା ସର୍ବତ୍ର ନିୟନ୍ତ୍ରଣ ଅର୍ଜନ କରିବାକୁ ହିଁ ବୁଝାଇବ । ଯେଉଁ ପୁରୁଷ ବା ସ୍ତ୍ରୀ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବେ, ସେ ସଂପୂର୍ଣ୍ଣଭାବରେ ବାସନାରୁ ମୁକ୍ତ ହୋଇଥିବେ । ତେଣୁ ଏଭଳି ଜଣେ ବ୍ୟକ୍ତି ଭଗବାନଙ୍କର ନିକଟବର୍ତ୍ତୀ ହୋଇ ରହିଥିବେ, ଦେବତୁଲ୍ୟ ଜୀବନ ଯାପନ କରୁଥିବେ । ମୋ' ମନରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଭାବନା, ବାକ୍ୟ ତଥା କର୍ମରେ ପୂର୍ଣ୍ଣତମଭାବରେ ଏଭଳି ବ୍ରହ୍ମଚର୍ଯ୍ୟର ପାଳନ କରିବା ଅବଶ୍ୟ ସମ୍ଭବ ହୋଇପାରିବ ।

ବ୍ରହ୍ମଚର୍ଯ୍ୟ କହିଲେ ଆମେ କ'ଣ ବୁଝିବା ? ଏହା ହେଉଛି ଏକ ଜୀବନପଥ ଯାହାକି ଆମକୁ ବ୍ରହ୍ମଙ୍କର ସନ୍ନିଧାନକୁ ପରିଚାଳିତ କରି ନେଇଯାଏ । ସନ୍ତାନ ଜନନର ପ୍ରକ୍ରିୟାଟି ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିବା ମଧ୍ୟ ଏହାର ଅନ୍ତର୍ଗତ । ଏହି ନିୟନ୍ତ୍ରଣ ଭାବନା, ବାକ୍ୟ ତଥା କର୍ମ ପ୍ରତ୍ୟେକ କ୍ଷେତ୍ରରେ ସମ୍ଭବ ହେଉଥିବ । ଯଦି ଭାବନା ନିୟନ୍ତ୍ରଣରେ ନରହେ, ତେବେ ଅନ୍ୟ ଦୁଇଟିକୁ ନିୟନ୍ତ୍ରିତ କରି ରଖିବାର କୌଣସି ମୂଲ୍ୟ ରହିବ ନାହିଁ । ହିନ୍ଦୁସ୍ତାନୀ ଭାଷାରେ ଗୋଟିଏ ପ୍ରବାଦ ରହିଛି, ଯାହାର ହୃଦୟ ଶୁଦ୍ଧ, ତା' ଘରେ ସର୍ବ ଶୁଦ୍ଧକାରିଣୀ ଗଙ୍ଗାନଦୀର ଜଳ ମଧ୍ୟ ମହଜୁଦ ରହିଥାଏ । କାରଣ ଯାହାର ଭାବନା ନିୟନ୍ତ୍ରିତ ହୋଇ ପାରିଛି, ଅନ୍ୟଟି ସତେ ଅବା ପିଲାଖେଳ ପରି ତା' ଲାଗି ଅତ୍ୟନ୍ତ ସହଜ ହୋଇଥାଏ । ମୋ' କଳ୍ପନାର ଜଣେ ବ୍ରହ୍ମଚାରୀ ସୁସ୍ଥ ରହିବ ଓ ସହଜରେ ଦୀର୍ଘଜୀବୀ ହୋଇ ପାରିବ । ତାକୁ ସାମାନ୍ୟ ମୁଣ୍ଡବ୍ୟଥାରେ ମଧ୍ୟ ପୀଡିତ ହେବାକୁ ପଡିବ ନାହିଁ । ମାନସିକ ତଥା ଶାରୀରିକ ଶ୍ରମ ତାକୁ କ୍ଳାନ୍ତ କରି ପକାଇବ ନାହିଁ । ସେ ସର୍ବଦା ପ୍ରସନ୍ନ ରହିଥିବ, କଦାପି ଆଳସ୍ୟ ଅନୁଭବ କରିବନାହିଁ । ତା'ର ବାହ୍ୟ ପରିଚ୍ଛନତା ତା' ଅନ୍ତର୍ଗତ ପରିଚ୍ଛନ୍ନତାକୁ ଅବିକଳ ପ୍ରତିଫଳିତ କରି ପାରୁଥିବ । ଗୀତାରେ ଜଣେ ସ୍ଥିତପ୍ରଜ୍ଞ ମନୁଷ୍ୟର ଯେଉଁସବୁ ଗୁଣ ରହିଥାଏ ବୋଲି ବର୍ଣ୍ଣନା କରାଯାଇଛି, ସିଏ ସେହି ସବୁଯାକ ଗୁଣର ପରିଚୟ ଦେଉଥିବ । ଯଦି ଜଣେ ମଧ୍ୟ ବ୍ୟକ୍ତି ସେହି ବର୍ଣ୍ଣନାଟି ଲାଗି ଏକ ଦୃଷ୍ଟାନ୍ତ ନହୋଇ ପାରିଲା, ସେଥିଲାଗି ଚିନ୍ତା କରିବା ଆଦୌ ଉଚିତ ନୁହେଁ । ଯେଉଁ ଶୁକ୍ରରୁ ମନୁଷ୍ୟମାନେ ସମ୍ଭବ ହୋଇ ପାରୁଛନ୍ତି, ତାହାର ସଂରକ୍ଷଣ ଏବଂ ନିୟନ୍ତ୍ରଣ କରି ପାରୁଥିବା ଜଣେ ବ୍ୟକ୍ତି ଯେ ଉପରେ ଆଲୋକିତ ସକଳ ଗୁଣର ପରିଚୟ ହୋଇ ପାରିବ, ସେଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଏଭଳି ଏକ ନିୟନ୍ତ୍ରଣର ସର୍ଜନଶୀଳ ଶକ୍ତିକୁ କିଏ ପ୍ରକୃତରେ ମାପି ପାରିବ । ତାହାର ଗୋଟିଏ ବିନ୍ଦୁ ହିଁ ଏକ ମନୁଷ୍ୟ ଜୀବନକୁ ସମ୍ଭବ କରିବାରେ ସମର୍ଥ ହୋଇପାରୁଛି ।

# ଶାନ୍ତ ମନରେ ଧ୍ୟାନ....

(ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଯେଉଁଠି ଚେଷ୍ଟା ନାହିଁ, କୌଣସି ଶ୍ରମ ନାହିଁ କେବଳ ବିଶ୍ରାମ ଅଛି ଓ ଯେଉଁଥିରେ କିଛି କରିବାର ନାହିଁ ଯେପରି ଆମେ ଆସନ କରିବାର ଅଭ୍ୟାସ କରୁ ଏବଂ ଏହି ଅଭ୍ୟାସ କ୍ରମରେ ଯେତେବେଳେ ଆମେ ଶବାସନ କରିଥାଉ ତ ଆମେ କ'ଣ କରିଥାଉ, କିଛି କରି ନ ଥାଉ । ଶାନ୍ତ, ଶିଥିଳ ହୋଇ ଶୋଇଯାଉ ।

ମନ ଶାନ୍ତ ହେଲେ ତାହା ଧ୍ୟାନରେ ପ୍ରବେଶ କରିଥାଏ । ସାଧାରଣତଃ ଆମେ ଶରୀରରେ ତ ଶାନ୍ତ ହୋଇଯାଉ, କିନ୍ତୁ ମନରେ ଚେଷ୍ଟା କରି ଚାଲିଥିବାରୁ ବିଶ୍ରାମ ହେଲା କେଉଁଠି ? ଧ୍ୟାନ ସେହି ମୁହୂର୍ତ୍ତ, ସେହି କ୍ଷଣ ଅଟେ, ଯେଉଁଥିରେ ଆମକୁ କିଛି ବି କରିବାକୁ ପଡି ନ ଥାଏ । ଶରୀରରେ ନୁହେଁ କି ମନରେ ନୁହେଁ । ଏଥିରେ କୌଣସି ଚେଷ୍ଟା କରିବାକୁ ହୋଇ ନ ଥାଏ । କେବଳ ଭାବର ଗଭୀରତାରେ ସମ୍ମିଳିତ ହୋଇଯିବାକୁ ପଡ଼େ, ବୁଡ଼ ପକାଇବାକୁ ହୁଏ, ସେଥିପାଇଁ ଧ୍ୟାନକୁ ଆମେ ମନର ସ୍ନାନ ବି କହି ପାରିବା ।

ମନର ସରୋବରରେ ବୁଡ଼ ପକାଇବା, ପୂରାପୁରି ବୁଡ଼ିଯିବା ଧ୍ୟାନ ଅଟେ । ଯଦି ଆମେ ଧ୍ୟାନ କରିବା ଓ ଆମର ଧ୍ୟାନ ଲାଗିବ ତ ଆଶ୍ରମ ବିଶ୍ରାମ ମିଳିବ । ଏହା ଦ୍ୱାରା ଆମର ଶରୀର ଓ ମନକୁ ଏକ ନୂତନ ଜୀବନ, ଏକ ନୂଆ ଉତ୍ସାହ, ଏକ ନୂଆ ଉଲ୍ଲାସ, ଏକ ନୂଆ ସ୍ଫୂର୍ତ୍ତି, ଏକ ନୂଆ ଶକ୍ତି, ଏକ ନୂଆ ଉର୍ଜାଃ ପ୍ରାପ୍ତ ହେବ, କାରଣ ସାରା ଦିନର ଉତ୍ଥାନ ପତନରେ ଆମେ ନିଜର ସମସ୍ତ ଉର୍ଜାଃ ହରାଇ ଦେଇଥାଉ ଏବଂ ଧ୍ୟାନ କରିବା ଦ୍ୱାରା ଆମେ ପୁନଶ୍ଚ ନିଜର ହରାଇଥିବା ଉର୍ଜାଃକୁ ପ୍ରାପ୍ତ କରିଥାଉ ଓ ତାହାର ସଂଗ୍ରହ କରିପାରୁ ।

ଆମକୁ ନିଦର ଆବଶ୍ୟକତା ରହିଛି କାହିଁକି ? ସତ କହିବାକୁ ଗଲେ ନିଦ ସାଧାରଣ ଲୋକଙ୍କ ଧ୍ୟାନ ହିଁ ଅଟେ । ଯେତେବେଳେ ଆମେ ଶରୀର ଓ ମନକୁ ଶିଥିଳ କରିଦେଉ, ଛାଡିଦେଉ ଓ ଶୋଇଯାଉ ତ ମନ ସହଜ ରୂପେ ଧ୍ୟାନର ଅବସ୍ଥାକୁ ଚାଲିଯାଏ । ଯେହେତୁ ଶୋଇବା ସମୟରେ ଆମେ ଅଚେତନରେ ପ୍ରବେଶ କରିଯାଉ, ଆମେ ଜାଗ୍ରତ ରହି ନ ଥାଉ, ସେଥିପାଇଁ ଆମକୁ ଏହି ଧ୍ୟାନରେ ପ୍ରବେଶର ଅନୁଭବ ହୁଏ ନାହିଁ, କିନ୍ତୁ ସତେଜତା, ସ୍ଫୂର୍ତ୍ତି ଓ ଶାନ୍ତି ରୂପେ ଏହାର ପ୍ରତିଫଳ ଆମକୁ ମିଳିଥାଏ । ଆଜିକାଲିର ସ୍ଥିତିରେ ସାଧାରଣ ଲୋକଙ୍କୁ ଏହି ସହଜ ଧ୍ୟାନର ଲାଭ ହିଁ ମିଳିପାରୁ ନାହିଁ, କାରଣ ଆଜିକାଲି ନିଦ ବି ମୁସ୍କିଲ ହୋଇ ଗଲାଣି । ମୁସ୍କିଲ ଏଥିପାଇଁ ଯେ ଲୋକମାନେ ନିଦ ନ ଆସିବାର ଅଭିଯୋଗ କରୁଛନ୍ତି ।

ନିଦ ଆସୁ ନାହିଁ, କାରଣ ସେମାନଙ୍କୁ ଚିନ୍ତା ଘେରି ରହିଥାଏ ଓ ମଜା କଥା ହେଲା ନିଦ ବି ଆଜିକାଲି କ୍ଳାନ୍ତିରେ ପରିଣତ ହୋଇଗଲାଣି । ସେଥିରେ ବି ସେଇ ଟଣାଓଟରା ଲାଗିଥାଏ । ସକାଳେ ଏହା କରିବା, ସନ୍ଧ୍ୟାରେ ତାହା କରିବା, ଦିନ ସାରା ଏହି ବିଚାର ଘେରି ରହିଥାଏ ଏବଂ ସତ କଥା ହେଲା ଏହି ବିଚାର ଆମକୁ ବହୁତ କ୍ଳାନ୍ତ କରିଥାଏ ।ଆପଣ ଦେଖନ୍ତୁ ଯାହାଙ୍କର ଡିପ୍ରେସନ ଥାଏ, ସେମାନଙ୍କ ମନ ଶାନ୍ତ ହୋଇ ନ ଥାଏ । ସେମାନଙ୍କର ବି ବିଚାରଗୁଡିକର ପ୍ରବାହ ଆସିଥାଏ । କେତେ ଥର କ୍ୱଚିତ୍ ଆସିଥାଏ ତ ଆଉ କେତେ ଥର ଅନାୟାସ ଆସି ଯାଉଥାଏ । କ୍ୱଚିତର ଅର୍ଥ ବିଚାରର ଏକ ପ୍ରବାହ କେବେ ସକାଳେ ଆସେ ତ କେବେ ଏକ ପ୍ରବାହ ଦିପହରରେ ଆସେ ଏବଂ ପୁଣି କେବେ ସନ୍ଧ୍ୟାରେ ଆସେ । କାହାକୁ କାହାକୁ ଋତୁ ଅନୁରୂପ ଡିପ୍ରେସନ ହୋଇଥାଏ । ଶୀତ ଯାଉଥିବା ଓ ଗ୍ରୀଷ୍ମ ଆସିବାର ଥିବ ତ ଡିପ୍ରେସନ ହୋଇଯାଏ । ଶୀତ ଆସିବାର ଥିଲେ ଡିପ୍ରେସନ । ଅନେକ ବିଚିତ୍ର ପ୍ରକାର ଡିପ୍ରେସନ ଦେଖିବାକୁ ମିଳେ ଏବଂ ଏସବୁର କାରଣ ହେଉଛି ଆମେ ବିଚାରଗୁଡିକରେ ଘେରି ରହିଥାଉ ଓ ସେଗୁଡିକର ଦ୍ୱନ୍ଦ୍ୱରେ ଲାଗି ରହିଥାଉ । ଆମକୁ ଚିନ୍ତା ଘେରି ରହିଥାଏ ।

ଏହିପରି ମନୋଭାବ ହିଁ ଆମ ପାଇଁ କେତେ ଥର ମନୋରୋଗ ହୋଇଯାଏ । ଆମର ଅସୁରକ୍ଷା, ଅନିଶ୍ଚିତତା, ଭୟ ଓ ଚିନ୍ତା ଏସବୁ ଆମର ମନ ଉପରେ ବୋଝ ହୋଇଥାଏ । ସବୁରୁ ମୁକ୍ତ ହୋଇ ଶାନ୍ତ ମନରେ ପ୍ରବେଶ କରିବା ହିଁ ଧ୍ୟାନର ସରୋବରରେ ସ୍ନାନ ଅଟେ ଏବଂ ଏହି ଶାନ୍ତ ମନରେ ଆମେ ଯେତିକି ସମୟ ସ୍ଥିର ରହିଥାଉ, ସେତିକି ସମୟ ଆମର ଧ୍ୟାନ ହୋଇଥାଏ । ଏହି ଧ୍ୟାନ ପ୍ରାପ୍ତିର ଅଭ୍ୟାସ ଆମେ କରିବା ଆବଶ୍ୟକ ।

## ଗୋଲାପ ଜଳର ଚମତ୍କାରିତା



ଗୋଲାପ ଜଳ ଚେହେରା ପାଇଁ ଯେତେ ଲାଭଦାୟକ ହୋଇଥାଏ ଆଖି ପାଇଁ ମଧ୍ୟ ସେତେ ଭଲ ହୋଇଥାଏ । ବାହାରର ଧୂଳି ପ୍ରଦୂଷଣରୁ ନିଜ ଚେହେରା ଓ ଆଖିକୁ ସଫା ରଖିବାରେ ଏହା ସାହାଯ୍ୟ କରେ । ଆଖି ପୋଡିବା, ଲାଲ୍ ପଡିଯିବା ଏବଂ ମୁହଁ ର ଥକ୍କାପଣକୁ ଦୂର କରିବାରେ ଏହା ଉପଯୋଗୀ । କାକୁଡିର ଖିଦଡ଼ରେ ଗୋଲାପଜଳ ମିଶାଇ ଲଗାଇଲେ ଆଖିକୁ ଆରାମ ମିଳିବା ସହ ଡାର୍କସର୍କଲ କମିଥାଏ । ଶୁଷ୍କ ତ୍ୱଚାରେ କୋମଳତା ଆଣିବା ହେଉଛି ଗୋଲାପଜଳର କାମ ।

## ସ୍ୱର୍ବେଦ

**ଉତର ଓ୍ୱତ ତପ ଜାହି ମେଁ,**
**ପ୍ରାକ୍ରମ ଆଶ୍ରୟ ଜାହି ।**
**ସତ୍ୟ ଶ୍ରଦ୍ଧା ଜଗ ଜୀଓ୍ୱଗଣ, ମୁକ୍ତ**
**ଜୀଓ୍ୱ ଜେହି ମାହିଁ ।।୩୩।।**

ଭାଷ୍ୟ - ଉତ୍ତର, ବ୍ରତ, ତପ, ପରାକ୍ରମ, ସତ୍ୟ, ଶ୍ରଦ୍ଧା ଆଉ ସଂସାରର ସମସ୍ତ ଜୀବ ଏବଂ ମୁକ୍ତ ଜୀବ, ଯାହାର ଆଶ୍ରିତ ଅଟନ୍ତି ।

**ସର୍ଓ୍ୱ ଜ୍ଞାନ ହୈ ସୋମ ରସ,**
**ଆଶ୍ରିତ ସବ ଏକ ସଙ୍ଗ ।**
**ପରମ ଦେଓ୍ୱ ଅସ୍କମ୍ଭ ହୈ,**
**ବ୍ୟାପକ ସର୍ଓ୍ୱ ଅସଙ୍ଗ ।।୩୪।।**

ଭାଷ୍ୟ - ସର୍ବଜ୍ଞାନ, ସୋମରସ, ସବୁ ଏକ ସଙ୍ଗେ ଯାହାର ଆଶ୍ରିତ ଅଟନ୍ତି, ସେହି ଅସଙ୍ଗ ସର୍ବବ୍ୟାପକ ପରମଦେବ ସ୍କମ୍ଭ ଅଟନ୍ତି ।

**ଦ୍ୟୌ ପୃଥିଓ୍ୱୀ ସ୍ଥିର ରହେ,**
**ଅନ୍ତରୀକ୍ଷ ଜେହି ମାହିଁ ।**
**ଚନ୍ଦ୍ର ସୂର୍ଯ୍ୟ ଅରୁ ଅଗ୍ନି ହୈ, ଓ୍ୱାୟୁ**
**ଆଶ୍ରିତ ଜାହିଁ ।।୩୫।।**

ଭାଷ୍ୟ - ଯେଉଁଥିରେ ଆକାଶ,




ପୃଥିବୀ ଆଉ ଅନ୍ତରୀକ୍ଷ ସ୍ଥିତ ଅଛନ୍ତି ଏବଂ ଚନ୍ଦ୍ର, ସୂର୍ଯ୍ୟ, ଅଗ୍ନି ଆଉ ବାୟୁ ଯାହାର ଆଶ୍ରିତ ଅଟନ୍ତି ।

**ଆଶ୍ରିତ ମହିମା ଜାସୁ କୀ, ଖଡ଼େ**
**କରେଁ ଗୁଣ ଗାନ ।**
**ଅନ୍ତରଯାମୀ ଦେବ ହୈ, ଅନୁଭଓ୍ୱ**
**ପର ଓ୍ୱିଜ୍ଞାନ ।।୩୬।।**

ଭାଷ୍ୟ - ଯେଉଁ ଦେବାଶ୍ରୀତ ଛିଡ଼ା ହୋଇ ଯାହାଙ୍କର ଗୁଣଗାନ କରନ୍ତି, ସେହି ବ୍ରହ୍ମବିଦ୍ୟା ବିଜ୍ଞାନ ଦ୍ୱାରା ଅନୁଭବରେ ପ୍ରାପ୍ତ ଅନ୍ତର୍ଯ୍ୟାମୀ ପରମପ୍ରଭୁଙ୍କର ମହତି ମହିମା ଅଛି ।

**ଜାହି ଅଙ୍ଗ ସ୍ଥିର ରହେଁ, ତୈଁତିସ**
**ଗଣ ସବ ଦେଓ୍ୱ ।**
**ଉପଦେଶ ଅସ୍କମ୍ଭ ହୈ, ଅନ୍ତର**
**ଗତି ଗମ ସେଓ୍ୱ ।।୩୭।।**

ଭାଷ୍ୟ - ଯାହାଙ୍କର ଅଙ୍ଗରେ ସମସ୍ତ ତେତିଶ ଦେବଗଣ ସ୍ଥିତ ଅଛନ୍ତି, ସେହି ସ୍କମ୍ଭ ଆତ୍ମାର ଅନ୍ତର ଭେଦିକ ଜ୍ଞାନ ଦ୍ୱାରା ଉପାସନା କଲେ ପ୍ରାପ୍ତ ହୁଅନ୍ତି । ଏହା ତାଙ୍କର ସାଧନା ଉପଦେଶ ଅଟେ, ଯାହା ସଦ୍‌ଗୁରୁଙ୍କ ଦ୍ୱାରା ପ୍ରଦାନ କରାଯାଏ । ଅଗ୍ନି, ପୃଥ୍ୱୀ, ବାୟୁ, ଅନ୍ତରୀକ୍ଷ, ଆଦିତ୍ୟ, ଆକାଶ, ଚନ୍ଦ୍ରମା ଓ ନକ୍ଷତ୍ର - ଏ ଅଷ୍ଟବସୁ ଅଟନ୍ତି । ପ୍ରାଣ, ଅପାନ, ସମାନ, ବ୍ୟାନ, ଉଦାନ, କୂର୍ମ, ଧନଞ୍ଜୟ, କୃକିଳ, ନାଗ ଆଉ ଦେବଦତ୍ତ - ଏମାନେ ଦଶ ପ୍ରାଣ ଆଉ ଆତ୍ମା - ଏ ଏକାଦଶ ରୁଦ୍ର ଅଟନ୍ତି । ବାର ମାସ, ବାର ଆଦିତ୍ୟ ତଥା ଏକ ଇନ୍ଦ୍ର ଆଉ ଏକ ପ୍ରଜାପତି - ଏପରି ତେତିଶ ଦେବ ଅଟନ୍ତି ।

**ଷୋଡ଼ଶ ରଷି ଉପନ୍ନ ହୈଁ, ସହଜ**
**ନିରଞ୍ଜନ ଆଦି ।**
**ପ୍ରଥମ ସୃଷ୍ଟି ଆରମ୍ଭ ମେଁ, ଫିର**
**ପୀଛେ କ୍ରମ ସାଧି ।।୩୮।।**

ଭାଷ୍ୟ - ପ୍ରଥମ ସୃଷ୍ଟିର ଆରମ୍ଭରେ ଷୋଡ଼ଶ ଋଷି, ସହଜ ନିରଞ୍ଜନ ଆଦି ଉତ୍ପନ୍ନ ହୋଇଥାନ୍ତି । ପୁଣି ଏହା ପରେ ସୃଷ୍ଟିକ୍ରମର ପ୍ରବାହ ଚାଲେ ।

**ରଗ ସାମ ଯଜୁ ଆଶ୍ରିତା, ଓ୍ୱେଦ**
**ଅଥର୍ଓ୍ୱ ମହାନ ।**
**ଜିସମେଁ ସବ ଓ୍ୱିଜ୍ଞାନ ହୈ, ନେତି**
**ନେତି କର ଗାନ ।।୩୯।।**

ଭାଷ୍ୟ - ଋକ, ସାମ, ଯଜୁଃ ଓ ମହାନ ବ୍ରହ୍ମବିଦ୍ୟ ଅଥର୍ବ ବେଦ ଯେଉଁଥିରେ ସମସ୍ତ ବିଜ୍ଞାନ ପରିପୂର୍ଣ୍ଣ ରହି ସୁଦ୍ଧା ଯାହାର ଆଶ୍ରିତ, ଯିଏ ପ୍ରଭୁଙ୍କର ମହିମା ଗାଇ ନେତି ନେତି କହନ୍ତି ଅର୍ଥାତ୍ ତାଙ୍କର ମହିମାର ଆଦି ଅନ୍ତ ପାଆନ୍ତି ନାହିଁ ।

## ପ୍ରେମଦ୍ୱାରା ହିଁ ଆତ୍ମବିକାଶ ଓ ଆତ୍ମକଲ୍ୟାଣ ସମ୍ଭବ

ଆଜିର ଯୁଗ ଆପଣା-ପର ଭାବକୁ ଅଧିକ ପ୍ରୋତ୍ସାହନ ଦେଉଛି । ପାରସ୍ପରିକ ପ୍ରେମଭାବ ନଷ୍ଟ ହୋଇଚାଲିଛି । ପ୍ରତ୍ୟେକ ବ୍ୟକ୍ତି ନିଜର ଏବଂ ନିଜ ପରିବାରକୁ ସୁଖୀ ସମୃଦ୍ଧ ରଖିବାରେ ପ୍ରଯତ୍ନ କରୁଛି । ଏହି ପର ଭାବନା ସଂସାରରେ ପାଗଳାମି ଓ ମାନସିକ ଚିନ୍ତା, ଦୁର୍ଭାବନା ଓ କ୍ଳେଶ କଳହ ବଢ଼ାଇ ଚାଲିଛି । ଦିନକୁ ଦିନ ହତ୍ୟା ଓ ଆତ୍ମହତ୍ୟାର ସଂଖ୍ୟା ବଢୁଛି । ଯଦି ମଣିଷ ସର୍ବାତ୍ମଭାବକୁ ଗ୍ରହଣ କରିନେବ, ସଭିଙ୍କୁ ନିଜର ଭାବିବ, ତେବେ ଏପରି ଘଟଣାକ୍ରମ ବହୁ ପରିମାଣରେ କମ୍ ହୋଇପାରେ । ଏହି ଦୁର୍ଗୁଣକୁ ଦୂର କରିବାପାଇଁ ପ୍ରେମପୂର୍ଣ୍ଣ ପରିବେଶ ଦରକାର । ଯଦି ଆପଣ ନିଜକୁ ବା ଈଶ୍ୱରଙ୍କୁ ପ୍ରେମ କରୁଛନ୍ତି, ତେବେ ତାହାର ସୀମା-ପରିସର ବଢ଼ାଇବା ଦରକାର ଏବଂ ଅନ୍ୟକୁ ବି ପ୍ରେମ କରିବାର ସ୍ୱଭାବ ବନାଇବା ଦରକାର । ପ୍ରେମ ବିସ୍ତାରର ଏହି କାର୍ଯ୍ୟ ପ୍ରଥମେ ନିଜର ଘରୁ ଆରମ୍ଭ କରନ୍ତୁ । ପତ୍ନୀ, ପୁତ୍ର, ଭାଇ, ଭଉଣୀ, ମାତା, ପିତା ଆଦିଙ୍କୁ ପ୍ରେମ କରନ୍ତୁ । ଯେତେବେଳେ ଏଥିରେ ସଫଳ ହୋଇଯିବେ, ସେତେବେଳେ ଘର ସୀମା ବାହାରେ ପ୍ରେମ-ସରିତାକୁ ବାହାର ଲୋକଙ୍କ ପର୍ଯ୍ୟନ୍ତ ପ୍ରବାହିତ କରିଦିଅନ୍ତୁ । ଆପଣଙ୍କର ପ୍ରେମ ଯେତେ ପରିମାଣରେ ବଢ଼ିଚାଲିବ, ସେତେ ପରିମାଣରେ ଆପଣଙ୍କର ଶକ୍ତି ବି ବଢ଼ିଚାଲିବ ଏବଂ ସେତିକି ଅଧିକ ଲୋକେ ଆପଣଙ୍କୁ ପ୍ରେମ କରିବେ ଏବଂ ମିଶିବାରେ ଲାଗିବେ । ଆପଣ ଯଦି ଖରାପ ଲୋକପ୍ରତି ବି ଦୟା ଓ ପ୍ରେମ କରିବେ, ତେବେ ସମ୍ଭବତଃ ସେ ଆପଣଙ୍କ ପ୍ରଭାବରୁ ନିଜର ଦୁର୍ଗୁଣକୁ ଧୀରେ ଧୀରେ ଛାଡ଼ି ବି ଦେଇପାରେ ।

ଯଦି କେହି ଆପଣଙ୍କପ୍ରତି ଦ୍ୱେଷଭାବ ବି ରଖୁଛି, ତେବେ ବି ଆପଣ ତାହା ସହିତ ଦ୍ୱେଷଭାବ ନରଖି ପ୍ରେମଭାବ ରଖନ୍ତୁ ଓ ସଦା ତା'ର ମଙ୍ଗଳ କାମନା କରନ୍ତୁ । ଯିଏ ଆପଣଙ୍କୁ ନିନ୍ଦା କରୁଛି, କଷ୍ଟ ଦେଉଛି ଓ ଶତ୍ରୁଭାବ ରଖୁଛି, ତାକୁ ବି ଖରାପ ଦୃଷ୍ଟିରେ ଦେଖନ୍ତୁ ନାହିଁ । ଏକ ପ୍ରବାଦ ଅଛି– 'ଯିଏ ତୁମପାଇଁ କଣ୍ଟା ବୁଣୁଛି, ତୁମେ ତା'ପାଇଁ ଫୁଲ ବିଛାଅ ।'' ଯେଉଁ ବ୍ୟକ୍ତିଠାରେ ପ୍ରେମଗୁଣର ଅଭାବ ଅଛି, ତାକୁ ବ୍ୟକ୍ତିଠାରେ ପ୍ରେମଗୁଣର ଅଭାବ ଅଛି, ତାକୁ ପ୍ରେମ କରନ୍ତୁ । ନିଜର ଆଚରଣ ଦ୍ୱାରା ତାକୁ ପ୍ରେମ କରିବା ଶିଖାନ୍ତୁ ।

ବୁଦ୍ଧ, ଦୟାନନ୍ଦ, ଶଙ୍କରାଚାର୍ଯ୍ୟ ଆଦି ସମସ୍ତେ ଜନ ସାଧାରଣରେ ଯାଇ ନିଜର ପ୍ରେମମୟ ସନ୍ଦେଶ ଦେଇଛନ୍ତି । ସେମାନେ ସଭିଙ୍କୁ ପ୍ରେମ କରୁଥିଲେ ଏବଂ ସଭିଙ୍କ ଦୁଃଖକୁ ନିଜର ଦୁଃଖ ମାନୁଥିଲେ । ଯୀଶୁଖ୍ରୀଷ୍ଟଙ୍କ ଅନୁଯାୟୀ ଓ ପ୍ରଚାରକ ବିଭିନ୍ନ କାର୍ଯ୍ୟ କରିବା ସହିତ ନିଜ ମତର ପ୍ରଚାର କରୁଥିଲେ । ଧର୍ମପ୍ରଚାର କରିବାପାଇଁ ସେମାନେ ଛୋଟ ଛୋଟ କାମ କରିବାକୁ ପଡ଼ିଲେ ବି ସଙ୍କୋଚ କରୁ ନ ଥିଲେ । ଯୀଶୁ କେବେ କାହାଠାରୁ କୌଣସି ପ୍ରକାର ପ୍ରତ୍ୟୁପକାରର ଆଶା କରୁ ନ ଥିଲେ । ତାଙ୍କ ଉଦ୍ଦେଶ୍ୟ ଥିଲା କେବଳ ସେବା ଓ ପ୍ରେମ । ତାଙ୍କ ବିରୋଧୀମାନେ ତାଙ୍କୁ ହିଂସା କରିବାରେ ଲାଗିଥିଲେ, କିନ୍ତୁ ସେ ପ୍ରେମ ବଳରେ ସମସ୍ତ ବିରୋଧୀଙ୍କ ଉପରେ ବିଜୟ ପ୍ରାପ୍ତ କରିନେଲେ ।

ସଭିଙ୍କ ମଙ୍ଗଳ କାମନା କରନ୍ତୁ, ଏହାଦ୍ୱାରା ଆପଣଙ୍କର ମଙ୍ଗଳ ହେବ । ସେହିମାନଙ୍କର ହିତ କଥା ଚିନ୍ତା କରନ୍ତୁ, ଯାହାଙ୍କ ବିଷୟରେ କେହି ଭାବନ୍ତି ନାହିଁ । ଯେଉଁମାନେ ଭୟଭୀତ, ନିର୍ବଳ, ବୃଦ୍ଧ, ପତିତ, ଅସମର୍ଥ, ସେମାନଙ୍କର କଲ୍ୟାଣ କାମନା କରନ୍ତୁ । ଯେଉଁଠାରେ ବି କାହାର ଦୁଃଖ ବିଷୟରେ ଶୁଣିଛନ୍ତି, ତା'ର ସହାୟତାର ପ୍ରଯତ୍ନ କରନ୍ତୁ । କାହାର ମୃତ୍ୟୁ ଖବର ଶୁଣି ତା'ପ୍ରତି ସମ୍ବେଦନା ବ୍ୟକ୍ତ କରିବାସହ ପ୍ରଭୁଙ୍କ ଠାରେ ତା'ର ସଦ୍‌ଗତି ହେତୁ ପ୍ରାର୍ଥନା କରନ୍ତୁ । ଏପରି ପ୍ରାର୍ଥନା କାହାକୁ ପ୍ରକାଶ ନକରି ବି କରାଯାଇପାରେ । ଏହା ଆବଶ୍ୟକ ନୁହେଁ ଯେ ମୃତ ବ୍ୟକ୍ତି ନିଜର ପରିଚିତ ହୋଇଥିବ । ଆପଣଙ୍କ ହୃଦୟରେ ସମସ୍ତ ପ୍ରାଣୀଙ୍କ କଲ୍ୟାଣର ଭାବ ଜାଗ୍ରତ ହେବ ।

ଯଦି କୌଣସି ବ୍ୟକ୍ତିକୁ ଅଧିକ ଖରାପ ଦେଖୁଛନ୍ତି, ତେବେ ଏହି କଥା ଭାବନ୍ତୁ ଯେ କ'ଣ ତାକୁ ସମ୍ଭ୍ରାନ୍ତ ନାଗରିକ ବନାଯାଇପାରିବ କି ? ତେବେ ଆପଣଙ୍କ ହୃଦୟ ଏହି ଉତ୍ତର ଦେବ ଯେ, ଗୁଣ-ଅବଗୁଣର ଭାବନା ସଭିଙ୍କଠାରେ ଥାଏ, ପରନ୍ତୁ ଯାହାର ଯେଉଁ ଭାବ ଜାଗ୍ରତ ହୋଇଯାଏ, ସେହି ଅନୁସାରେ ସେ କାର୍ଯ୍ୟ କରିବାରେ ଲାଗେ । ତେବେ କାହିଁକି ତା'ର ମନର ସଦ୍‌ଗୁଣକୁ ଜାଗ୍ରତ କରାନଯିବ ? ଯଦି ତାହା ସହିତ ପ୍ରେମର ବ୍ୟବହାର କରାଯିବ, ତେବେ ସେ ଅବଶ୍ୟ ସୁଧୁରିପାରେ । ଯଦି ଆପଣ ସତରେ ହିଁ ଅନ୍ୟର ହିତ କରିବାକୁ କଟିବଦ୍ଧ ହୁଅନ୍ତି, ତେବେ ଆପଣଙ୍କର ଶାରୀରିକ ଓ ମାନସିକ ବଳ ଉତ୍ତରୋତ୍ତର ବଢ଼ିଚାଲିବ । ଆପଣଙ୍କ ପ୍ରାର୍ଥନାରେ ବି ସେହି ପ୍ରଭାବ ଆସିଯିବ ଯେ, ଯେଉଁ କାର୍ଯ୍ୟ ଶାରୀରିକ ଶ୍ରମଦ୍ୱାରା ହୋଇପାରୁନଥିବ, ତାହା ତା'ଦ୍ୱାରା ସଫଳ ହୋଇଯିବ ।

ବାସ୍ତବ ପ୍ରେମ ଏକାଙ୍ଗୀ ହୋଇ ନ ଥାଏ, ତାହା ସଭିଙ୍କପାଇଁ ହିତକାରୀ ହୋଇଥାଏ । ସଂସାରରେ ତା'ର ବିଦ୍ୟମାନ ହେବା କଲ୍ୟାଣକାରୀ ହୋଇଥାଏ । ଯଦି ଆମେ କୌଣସି କାର୍ଯ୍ୟକୁ କେବଳ ନିଜପାଇଁ ହିଁ କରିଥାଉ, ତେବେ ସେଥିରୁ ଆମର ଆତ୍ମା ସଙ୍କୁଚିତ ହୋଇଥାଏ । ପରନ୍ତୁ ଯଦି ଆମେ ଅନ୍ୟମାନଙ୍କର ହିତପାଇଁ କାମ କରିଥାଉ, ତେବେ ତହିଁରୁ ଆମ ବିଚାର ପ୍ରଶସ୍ତ ହୋଇଥାଏ ଏବଂ ତାହାଦ୍ୱାରା ଆମେ ଆମ ଅଭୀଷ୍ଟ ପୁଣ୍ୟ ପ୍ରାପ୍ତ କରିବାରେ ସମର୍ଥ ହୋଇଥାଉ ।

ସଭିଙ୍କୁ ପ୍ରେମ କରୁଥିବା ବ୍ୟକ୍ତିର ମନରେ ଆପଣା-ପର ଭେଦଭାବ ନଥାଏ, କାରଣ ସେ ସଙ୍କୁଚିତ ବିଚାରରୁ ଉର୍ଦ୍ଧ୍ୱକୁ ଉଠି ବିଶାଳ ବିଶ୍ୱରେ ପହଞ୍ଚିଥାଏ । ତା'ର ଦୃଷ୍ଟିରେ ବିଶ୍ୱର ସମସ୍ତ ପ୍ରାଣୀ ପରିବାରଭଳି ମନେ ହୋଇଥାନ୍ତି । ତା'ର ଏହି ଭାବନା ହିଁ ସଂସାରରେ ପ୍ରେମଭାବକୁ ଜାଗ୍ରତ କରିଥାଏ ।

ମନୁଷ୍ୟର ବାସନା ଯେତିକି ବଢ଼େ, ସେହି ଅନୁପାତରେ ତା'ର ଆବଶ୍ୟକତା ବି ବଢ଼ିଥାଏ । ଏହି ଆବଶ୍ୟକତା ହିଁ ମାନବ ପ୍ରେମରେ ଭୟଙ୍କର ବାଧାରୂପେ ଉପସ୍ଥିତ ହୋଇଥାଏ । ତେଣୁକରି ଜ୍ଞାନୀଜନ ସର୍ବପ୍ରଥମେ ନିଜର ଆବଶ୍ୟକତାକୁ କମ୍‌କରିଥାନ୍ତି । ମାନସିକ ଚିନ୍ତାକୁ କମ୍ କରିବାର ବି ଏହା ଏକ ସରଳ ଉପାୟ । ମାନସିକ ଚିନ୍ତା, ଆବଶ୍ୟକତା ଓ ବାସନାକୁ କମ୍ କରି କରି ମନୁଷ୍ୟ ଦିନେ ବିକାରରହିତ ହୋଇଯାଏ ଏବଂ ଯେତେବେଳେ ତା'ର ବିକାର ସମାପ୍ତ ହୋଇଯାଏ, ସେତେବେଳେ ହିଁ ସେ ପ୍ରକୃତ ପ୍ରେମୀ ହୋଇଥାଏ, ତା' ପୂର୍ବରୁ ନୁହେଁ ।

ଯେଉଁ ମନୁଷ୍ୟ ଅନ୍ୟ ମନୁଷ୍ୟର, ବିଶେଷ ଭାବରେ ମନୁଷ୍ୟତର ପ୍ରାଣୀଙ୍କର ସେବା କରିବାରେ ଲାଗିଯାଏ, ତାକୁ ନିଜର ଦୁଃଖ ଦୂର କରିବାରେ ଆନନ୍ଦ ଲାଗେ ନାହିଁ, ବରଂ ସ୍ୱୟଂ ଦୁଃଖ ପାଇ ମଧ ଅନ୍ୟମାନଙ୍କୁ ସୁଖୀ ବନାଇବାରେ ସୁଖ ଅନୁଭବ କରିଥାଏ । ଏପରି ମନୁଷ୍ୟକୁ ସ୍ୱର୍ଗର ବି କାମନା ହୋଇନଥାଏ । ତା'ପାଇଁ ଧରିତ୍ରୀ ହିଁ ସ୍ୱର୍ଗ ହୋଇଥାଏ ।

## ଗୁଣକାରୀ ଅଦା



ଅଦାରେ ରହିଥିବା ନ୍ୟୁଟ୍ରିଏଣ୍ଟସ୍ କୌଣସି ବି ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ ।

ଅଦାରେ ଇମ୍ୟୁନିଟି ପାଓ୍ୱାର ରହିଥାଏ । ଯାହାଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ିଥାଏ । ଥଣ୍ଡା କାଶ ପରି ସଂକ୍ରମଣରୁ ରକ୍ଷା କରି ଦେଇଥାଏ ।

ଅଦାରେ ଥର୍ମୋଜେନିକ ଏଜେଣ୍ଟସ୍ ଥାଏ । ତେଣୁ ପ୍ରତିଦିନ ଉଷୁମ ପାଣି ସହ ଅଳ୍ପ ଅଦାକୁ ଚୋବେଇ ଖାଇଲେ ମଧ ଶରୀରରୁ ଏହା ମେଦ ହ୍ରାସ କରିଥାଏ ।

ଅଦା ଖାଇବା ଦ୍ୱାରା ହାର୍ଟ ସମସ୍ୟାରୁ ସୁରକ୍ଷା ମିଳିଥାଏ ।

ଏଥିରେ ଆଣ୍ଟି ଇଂଫ୍ଲେମେଣ୍ଟରି ଗୁଣ ରହିଥିବାରୁ, ଆଣ୍ଠୁଗଣ୍ଠି ବିନ୍ଧାରୁ ସୁରକ୍ଷା ଦେଇଥାଏ ।

ଅଦାରେ ଫସଫରସ୍ ଥାଏ, ତେଣୁ ଦାନ୍ତ ସମସ୍ୟା ଥିବା ବ୍ୟକ୍ତି ନିୟମିତ ଅଦା ଖାଇଲେ ଏହା ଦାନ୍ତକୁ ମଜଭୁତ କରିବା ସହ ଦାନ୍ତ ସହିତ ଜଡ଼ିତ ସମସ୍ୟାକୁ ମଧ ଦୁରେଇ ଦେଇଥାନ୍ତି ।

ଏଥିରେ ଆଣ୍ଟିସେପ୍ଟିକ୍ ରହିଛି, ଯାହା ଫଳରେ ଏହା ତ୍ୱଚାକୁ ନମନୀୟ କରିବା ସହ ବ୍ରଣ ଭଳି ସମସ୍ୟାକୁ ଦୁରେଇ ଦେଇଥାଏ ।

ଅଦାରେ ଆଇରନ୍ ରହିଛି । ଫଳରେ ଆଇରନ୍ ଅଭାବରୁ ହୋଇଥିବା ରୋଗ ଏନିମିଆରୁ ମଧ ଏହା ରକ୍ଷା ଦେଇଥାଏ ।

କିନ୍ତୁ ସର୍ବଦା ଅଦାର ମାତ୍ରା କମ୍ ନେଉଥିବେ କାରଣ ପ୍ରସ୍ତୁତ ପରିମାଣର ଅଦା ଖାଇବା ଦ୍ୱାରା ଏହା ରକ୍ତଚାପ ହ୍ରାସ କରି ଦେଇଥାଏ । ସେହିପରି ମଧୁମେହ ରୋଗୀ ଅଦା ଖାଇବା ଭଲ ନୁହେଁ ।

## ଟିକିଏ ହସନ୍ତୁ

**ଶିକ୍ଷକ :** ପିଲେ କହିଲ ଦେଖି ଡେଟ୍ ଓ ତାରିଖ ଭିତରେ ଫରକ କ'ଣ ? ସମସ୍ତେ ଚୁପ୍ ହୋଇ ବସିଥାନ୍ତି । ଏତିକିବେଳେ

**ପପୁ :** ସାର୍ ମୁଁ କହିବି ।

ଶିକ୍ଷକ : ହଉ କହ ।

**ପପୁ :** ସାର୍ ଡେଟ୍‌ରେ ଗର୍ଲଫ୍ରେଣ୍ଡ ସହ ଯାଆନ୍ତି । ଆଉ ତାରିଖରେ ଓକିଲ ସହ ଯାଆନ୍ତି ।

× × × ×

ଶୋଇବାକୁ ଗଲାବେଳେ ସ୍ତ୍ରୀ ସ୍ୱାମୀଙ୍କୁ : ମୋ ମୋବାଇଲ୍‌ରେ ଚାର୍ଜ ନାହିଁ । ପ୍ଲିଜ୍ ଟିକେ ଚାର୍ଜରେ ବସେଇ ଦିଅନା ।

**ସ୍ୱାମୀ :** ରାତିରେ ଚାର୍ଜରେ ବସାନ୍ତିନି । ଏତେ ସମୟ ବସିଲେ ମୋବାଇଲ୍ ବ୍ୟାଟେରୀ ଫାଟିଯିବାର ଆଶଙ୍କା ଅଛି ।



**ସ୍ତ୍ରୀ :** ତମେ ବ୍ୟସ୍ତ ହୁଅନି । ଚାର୍ଜରେ ବସାଅ । ମୁଁ ମୋବାଇଲ୍‌ର ବ୍ୟାଟେରୀ ବାହାର କରି ତମକୁ ଦେଇଛି । ବ୍ୟାଟେରୀ ଫାଟିବନି ।

× × × ×

ମୁନା ବସି ବାଦାମ ଖାଉଥାଏ, ଏହା ଦେଖି ରାଜୁ ମତେ ଟିକେ ଦିଅ ଚାଖୁଚି ।

**ମୁନା :** ନେ ଗୋଟେ ଦାନା ।

ରାଜୁ, କ'ଣ ଖାଲି ଗୋଟେ ଦାନା ?

**ମୁନା :** ଅଧିକ ନେଇ କ'ଣ କରିବୁ ? ସବୁ ବାଦାମର ଟେଷ୍ଟ ତ ଏକା ।

× × × ×

ମଣ୍ଟି ହାତରେ ନୂଆ ଫୋନ ଦେଖି ରାଜୁ : ନୂଆ ଫୋନ୍ କିଣିଛୁ କି ? ମଣ୍ଟି ନାଇଁରେ ଗର୍ଲଫ୍ରେଣ୍ଡର ।

**ରାଜୁ :** ତା' ଫୋନ୍ କାହିଁକି ନେଇ ଆସିଛୁ ?

ମଣ୍ଟି ମତେ ସବୁଦିନ କହୁଥିଲା ମୋ ଫୋନ ଉଠଉନ, ମୋ ଫୋନ୍ ଉଠଉନ । ଆଜି ମଉକା ମିଳିଲା । ଆଉ ମୁଁ ତା' ଫୋନ୍ ଉଠେଇକି ନେଇ ଆସିଲି ।

× × × ×

**ରିଙ୍କି :** ପିଙ୍କି ମିନିର ମାମାଙ୍କୁ ସମସ୍ତେ କେଉଁ ନାମରେ ଡାକନ୍ତୁ ଜାଣିଛୁ ?

**ପିଙ୍କି :** ନା, ମୁଁ ଜାଣିନି ।

**ରିଙ୍କି :** ଆରେ ଏତିକି ଜାଣିନୁ, ମିନିମମ୍ ବୋଲି ।

× × × ×

**ବାପା :** ଏବେ ଗାଡ଼ିର ପେଟ୍ରୋଲ ସରିଗଲାଣି ଆଉ ଆଗକୁ ଯାଇ ହେବନି ।

**ମିଲୁ :** କିଛି କଥା ନାହିଁ ବାପା, ଏବେ ଗାଡ଼ିକୁ ରିଭର୍ସ କରିନିଅ ଘରକୁ ଫେରିଯିବା ।

× × × ×

**ସୋନୁ :** ମୋନୁ କହିଲୁ, ଏମିତି ଏକ ବାକ୍ୟ ଯେଉଁଟା କିଛି ପିଲା ଅଧିକ କ୍ଲାସ୍‌ରେ କହିଥାନ୍ତି ?

**ମୋନୁ :** 'ମୁଁ ଜାଣିନି' ।

**ସୋନୁ :** ହାଃ ହାଃ ବିଲ୍‌କୁଲ୍ ଠିକ୍ କଥା କହିଲୁ ।

## ଘିଅର ଉପକାରିତା

ଭାରତୀୟ ବ୍ୟଞ୍ଜନରେ ଘିଅର ଉପଯୋଗିତା ବିଭିନ୍ନ ଭାବରେ ହୋଇଥାଏ । ଦକ୍ଷିଣ ଭାରତରେ ଶୁଦ୍ଧ ଗାଈ ଘିଅକୁ ଭାତ ସହ ପରଷା ଯାଉଥିବା ବେଳେ ଉତ୍ତର ଭାରତରେ ତରକାରି ଛୁଙ୍କ ନିମନ୍ତେ ଘିଅ ବ୍ୟବହାର କରାଯାଏ । ଆୟୁର୍ବେଦ ବିଶେଷଙ୍କ ମତରେ ଅନେକ ବର୍ଷ ପୂର୍ବେ ତେଲର ଉପଯୋଗ ଆଦୌ ହେଉ ନ ଥିଲା । କେବଳ ଶୁଦ୍ଧ ଘିଅରେ ହିଁ ବିଭିନ୍ନ ପ୍ରକାର ସୁଆଦିଆ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଥିଲା । ଆଜିର ସମୟରେ ଶୁଦ୍ଧ ଘିଅ ମିଳିବା ଖୁବ୍ କାଠିକର କାମ । ତେବେ ଏହା ନିୟମିତ ସେବନ କଲେ ସ୍ୱାସ୍ଥ୍ୟ ଉପରେ ଅନେକ ଉତ୍ତମ ପ୍ରଭାବ ପଡ଼େ ।

ଆଣ୍ଠୁଗଣ୍ଠି ବିନ୍ଧା, ଅଣ୍ଟା ବିନ୍ଧା ନିୟମିତ ଭାବରେ ହେଉଥିଲେ, ଘିଅର ଉପଯୋଗ ତରକାରିରେ କିମ୍ବା ୧ ଛୋଟ ଚାମଚ ଖାଇବା ଉପକାରୀ ।

ଦୈନିକ ଘିଅର ଉପଯୋଗରେ ଶରୀରରେ କୌଣସି ପ୍ରକାର ସଙ୍କ୍ରମଣ ହୁଏ ନାହିଁ ।

ଘିଅ ଖାଇବା ଦ୍ୱାରା ଆଖିର ଜ୍ୟୋତି ବଢ଼ିବା ସହ ତ୍ୱଚାରେ ମଧ ବିଶେଷ ଚମକ ଆସେ ।

ଶୁଦ୍ଧ ଘିଅରେ ଥିବା ଭିଟାମିନ୍ କେ-



୨ ହାଡ଼ ପାଇଁ ଉପକାରୀ । ଏଣୁ ଯୁବଗୋଷ୍ଠୀ ପ୍ରତ୍ୟହ ଏହା ସେବନ କରିବା ଭଲ । ବୟସ ବଢ଼ିବା ପରେ ହାଡ଼ଜନିତ ସମସ୍ୟା ଉପୁଜେ ନାହିଁ ।

ଆମ ପାଚନ କ୍ରିୟା ଉପରେ ଉତ୍ତମ ପ୍ରଭାବ ପକାଉଥିବା ଘିଅ ଅମ୍ଳ ରୋଗକୁ ମଧ ନିୟନ୍ତ୍ରଣ କରେ । ପ୍ରତ୍ୟହ ଘିଅ ସେବନ ପୂର୍ବରୁ ଏହା ଶୁଦ୍ଧ ଘିଅ କିମ୍ବା ନୁହେଁ, ତାହା ପରଖି ନେବା ଉଚିତ । ନଚେତ୍ ଏହାର କୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିବାର ସମ୍ଭାବନା ରହିଛି ।

ଗର୍ଭବତୀ ମହିଳା ଘିଅ ସେବନ ନ କରିବା ଭଲ । କୌଣସି ଗରମ ଖାଦ୍ୟରେ ଘିଅ ପକାଇବା ଅନୁଚିତ । ଏହା ଦ୍ୱାରା ପେଟ ସମସ୍ୟା ଉପୁଜିଥାଏ ।

## ଆପଣ ଜାଣନ୍ତି କି ?

- ମହୁ ହଜାରରୁ ଅଧିକ ବର୍ଷ ଧରି ରହିଲେ ବି ନଷ୍ଟ ହୁଏ ନାହିଁ । ଜଣେ ଆବିଷ୍କାରକ ୨୦୦୦ ବର୍ଷ ତଳର ମହୁର ସନ୍ଧାନ ପାଇଥିଲେ । ସେହି ମହୁର ସ୍ୱାଦ ଟିକିଏ ବି ଖରାପ ଲାଗି ନ ଥିଲା । ଏହାପରେ ଜଣାପଡିଥିଲା ଦୀର୍ଘ ବର୍ଷ ଧରି ରହିଲେ ବି ମହୁର ସ୍ୱାଦ କି ଗୁଣ ନଷ୍ଟ ହୁଏ ନାହିଁ ।
- ଦୀର୍ଘ ୧୫୦ ନିୟୁତ ବର୍ଷ ଧରି ମହୁମାଛି ମାନେ ସମାନ ପଦ୍ଧତିରେ ମହୁ ତିଆରି କରି ଆସୁଛନ୍ତି ।
- ମହୁମାଛି ଏକ ମାତ୍ର କୀଟ ଯାହା ଦ୍ୱାରା ପ୍ରସ୍ତୁତ ଖାଦ୍ୟକୁ ମଣିଷ ଖାଇଥାଏ ।



- ପ୍ରାଚୀନ କାଳରେ ମିଶରର ରାଣୀ କ୍ଲିଓପାଟ୍ରା ନିଜ ରୂପଚର୍ଯ୍ୟାରେ ମହୁକୁ ସାମିଲ କରୁଥିଲେ ।
- ଗୋଟିଏ ମହୁ ଫେଣାରେ ୨୦ ହଜାରରୁ ୬୦ ହଜାର ପର୍ଯ୍ୟନ୍ତ ମହୁ ବାସ କରିଥାଆନ୍ତି । ତେବେ କର୍ମୀ ମହୁମାଛିଙ୍କ ମଧରୁ ଅଧିକାଂଶ ମାଈ ହୋଇଥାଆନ୍ତି ଏବଂ ସେମାନେ ସମସ୍ତ କାମ କରିଥାଆନ୍ତି । ସେମାନଙ୍କ ଜୀବନ କାଳ ୬ ସପ୍ତାହ ହୋଇଥାଏ ।
- ମହୁମାଛିମାନେ ନାଚିବା ଦ୍ୱାରା ଜଣେ ଅନ୍ୟଜଣକ ସହିତ ସଂପର୍କ ସ୍ଥାପନ କରିଥାଆନ୍ତି ।
- ଗୋଟିଏ ମହୁମାଛି ଥରକେ ୫୦ ରୁ ୧୦୦ ଫୁଲରୁ ମହୁ ସଂଗ୍ରହ କରିବା ପରେ ବସାକୁ ଫେରିଥାଏ ।
- ମାଛ ଶରୀରରେ ସିନା ରକ୍ତ ଥାଏ । ହେଲେ ଷ୍ଟାରଫିଶ୍ ! ଶରୀରରେ ଥିବା ରକ୍ତ ପ୍ରକୃତରେ ଫିଲ୍ଟର ହୋଇଥିବା ସମୁଦ୍ର ଜଳ ।

## ଓଜନ ହ୍ରାସ କରିବ କଫି

କଫି ପିଇବା ଦ୍ୱାରା ଅଳସୁଆମି ଦୂର ହୁଏ । ଥକ୍କାପଣ ଦୂର ହୁଏ । କେବେ କେବେ ମନକୁ ତାଜା କରିବାରେ ବି ଏହା ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥାଏ । ଏବେ କିନ୍ତୁ ଏକ ଗବେଷଣାରୁ ଜଣାପଡିଛି, କଫି ଓଜନ ହ୍ରାସରେ ମଧ ସହାୟକ ହୋଇପାରେ । ନର୍ଥଓ୍ୱେଷ୍ଟର୍ଣ୍ଣ ୟୁନିଭର୍ସିଟିରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି କଫି ଭୋକ ନିୟନ୍ତ୍ରଣ କରିଥାଏ । ଯଦ୍ୱାରା ଲୋକଙ୍କଠାରେ ଖାଇବାର ଆଶା କମିଯାଏ । ଗବେଷକଙ୍କ



ମତରେ, ଯେଉଁମାନେ ଦୈନନ୍ଦିନ କଫି ସେବନ କରିଥାନ୍ତି, ସେମାନଙ୍କ ଠାରେ ଭୋକର ମାତ୍ରା ଧୀରେ ଧୀରେ ହ୍ରାସ ପାଇଥାଏ । କମ୍ ଭୋକ ଲାଗିବା ଦ୍ୱାରା ସେମାନେ ସ୍ୱଳ୍ପ ଆହାର ଗ୍ରହଣ କରିଥାନ୍ତି । ଗବେଷଣା ସମୟରେ, ୪୭ ଜଣ ଲୋକଙ୍କ ଉପରେ କଫି ପିଇବାର ଜୈବିକ ପ୍ରଭାବକୁ ଅନୁଧାନ କରାଯାଇଥିଲା । ପ୍ରାରମ୍ଭିକ ଏକମାସ ଏମାନଙ୍କୁ ପ୍ରିୟ କଫିଠୁ ଦୁରରେ ରଖାଗଲା । ଦ୍ୱିତୀୟ ମାସରେ ଦିନକୁ ଚାରି କପ୍ କଫି ପିଇବାକୁ ଦିଆଗଲା । ତୃତୀୟ ମାସରେ ୮ କପ୍ କଫି ପିଇବାକୁ ଦିଆଗଲା । ଏହାପରେ ଦେଖିବାକୁ ମିଳିଲା ସେମାନଙ୍କ ମଧରେ ଭୋକର ମାତ୍ରା ହ୍ରାସ ପାଇବା ସହ ଓଜନ ମଧ ହ୍ରାସ ପାଇଛି ।

## ବହୁ ଲାଭକାରୀ ରାଶି ଲଡୁ

ରାଶି ଲଡୁ ଏବଂ ରାଶି ତେଲର ଆମ ସମାଜରେ ଯଥେଷ୍ଟ ପ୍ରଚଳନ ରହିଛି । ତେବେ ରାଶିରୁ ଆହୁରି ଅନେକ ଉପକାରିତା ମଧ ରହିଛି । ଏଥିମଧରୁ ଗୋଟିଏ ହେଲା ଯଥେଷ୍ଟ ପରିମାଣର ରାଶି ଖାଇଲେ ଏହା ଆପଣଙ୍କର ଯୌନ କ୍ଷମତା ବଢ଼ାଇବାରେ ସହାୟକ ହୋଇଥାଏ । ପ୍ରତ୍ୟହ ଅନ୍ୟୁନ ୧୦୦ ଗ୍ରାମ୍ ରାଶି ଦ୍ୱାରା ପ୍ରସ୍ତୁତ ଯେ କୌଣସି ଖାଦ୍ୟ ଗ୍ରହଣ କଲେ ଏହି ସୁଫଳ ମିଳିଥାଏ ବୋଲି ଚିକିତ୍ସକମାନେ ମତ ରଖିଛନ୍ତି ।



ଏହାଦ୍ୱାରା ହାଇପର୍ ଟେନସନ୍ ସହ ଲଢ଼ିବାର କ୍ଷମତା ମଧ ମିଳିଥାଏ । ଏତଦ୍‌ବ୍ୟତୀତ ରକ୍ତଚାପଜନିତ ଅସୁବିଧାକୁ ମଧ ଦୂର କରିଥାଏ । ଦୈନିକ ରାଶି ଖାଇଲେ କାର୍ଡିଓମସ୍କୁଲାର୍ ସିଷ୍ଟମରେ ଉତ୍ପନ୍ନ ହେଉଥିବା ଉତ୍ତେଜନା ହ୍ରାସ ପାଇଥାଏ । ରାଶିରେ ପ୍ରଚୁର ପରିମାଣରେ ଭିଟାମିନ୍ ଏବଂ ମିନେରାଲ୍ସ ଥିବା ଯୋଗୁଁ ଏହା କର୍କଟ ରୋଗ ସହ ଲଢ଼ିବାର କ୍ଷମତା ବି ବୃଦ୍ଧି କରିଥାଏ । ଏଥିରେ ଫାଇଟେଟ୍ ନାମକ ଏକ ପଦାର୍ଥ ଥିବା ହେତୁ ତାହା କର୍କଟ ରୋଗର କୋଷ ବୃଦ୍ଧିକୁ ପ୍ରତିହତ କରିଥାଏ ବୋଲି ଏକ ଗବେଷଣାରୁ ଜଣାଯାଇଛି । ବିଶେଷକରି ରାଶି ଖାଇଲେ ବା ରାଶି ତେଲ ଲଗାଇଲେ ତ୍ୱଚା ମୁଲାୟମ ବି ରହେ ।

## ହୃଦ୍‌ରୋଗ ଆଶଙ୍କା କମାଏ ଦହି

ଦୈନନ୍ଦିନ ଖାଦ୍ୟରେ ଦହିକୁ ସାମିଲ କଲେ ହୃଦରୋଗ ଆଶଙ୍କା ଦୂର ହୁଏ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି । ଆମେରିକାନ୍ ଜର୍ଣ୍ଣାଲ ଅଫ୍ ହାଇପରଟେନସନ୍‌ରେ ପ୍ରକାଶିତ ଏକ ଲେଖାରେ ଏହା ପ୍ରକାଶ ପାଇଛି । ସେଥିରେ କୁହାଯାଇଛି ଯେ, ସେମାନେ ପ୍ରାୟ ୩୦ ରୁ ୩୫ ବର୍ଷ ବୟସର ୫୫ ହଜାର ମହିଳାଙ୍କୁ ନେଇ ଗବେଷଣା କରିଥିଲେ । ଗବେଷଣାରୁ ଜଣାଗଲା ଯେ, ମହିଳାମାନେ ଦୈନିକ ଖାଦ୍ୟରେ ଦହି ସାମିଲ କରିବାରୁ ସେମାନଙ୍କ କ୍ଷେତ୍ରରେ ହୃଦରୋଗ ଆଶଙ୍କା ୧୬ ପ୍ରତିଶତ ହ୍ରାସ ପାଇଥିଲା ।

## ସ୍ୱାସ୍ଥ୍ୟ ପାଇଁ ରସୁଣ

କଞ୍ଚା ରସୁଣ ଖାଇବାକୁ ସବୁ ଲୋକେ ପସନ୍ଦ କରନ୍ତି ନାହିଁ । ଯେତେବେଳେ କ୍ଷୀର ସହ ରସୁଣ ଖାଇବାକୁ ପଡେ ତାହା ଆହୁରି ସ୍ୱାଦହୀନ ହୋଇପଡେ । କିନ୍ତୁ ଏହି ସ୍ୱାଦହୀନ ଖାଦ୍ୟ ଶରୀରକୁ ସୁସ୍ଥ ରଖିବାରେ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେବେ କେଉଁ ପ୍ରକାର ସ୍ୱାସ୍ଥ୍ୟ ଜନିତ ସମସ୍ୟାରେ ରସୁଣ ଖାଇଲେ କି ଲାଭ ମିଳିବ ତାହା ବିଷୟରେ ଜାଣିନିଅନ୍ତୁ ।



ଖାଦ୍ୟ ହଜମ ହେଉ ନଥିଲେ ଏକ ଗ୍ଲାସ ଉଷୁମ କ୍ଷୀରରେ ରସୁଣକୁ ପକାଇ ପିଇବାକୁ ଭୁଲନ୍ତୁ ନାହିଁ । ଏହା ହଜମ ଶକ୍ତି ବଢ଼ାଇବା ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।

ଶ୍ୱାସ ସମସ୍ୟା ଥିଲେ ପ୍ରତିଦିନ ତିନିରୁ ଚାରି କୋଳା ରସୁଣ ଚୋବାଇ ଖାଆନ୍ତୁ ଏବଂ ନିମୋନିଆ ଲକ୍ଷଣ ଆରମ୍ଭ ହେଉଥିଲେ କ୍ଷୀରରେ ରସୁଣ ସିଝାଇ ଦିନକୁ ଦୁଇରୁ ତିନିଥର ପିଅନ୍ତୁ । ନିହାତି ଭାବରେ ଶ୍ୱାସ ସମସ୍ୟାରୁ ମୁକ୍ତି ମିଳିବ । ରକ୍ତରେ କୋଲେଷ୍ଟ୍ରଲର ମାତ୍ରା ବଢ଼ିଲେ ହୃଦ୍ ଜନିତ ସମସ୍ୟା ଆରମ୍ଭ ହୁଏ । ଧମନୀରେ ରକ୍ତ ସୁଚାରୁ ରୂପେ ସଞ୍ଚାଳନ ହୋଇପାରେ ନାହିଁ । ତେବେ ରକ୍ତରେ କୋଲେଷ୍ଟ୍ରଲର ମାତ୍ରା କମ୍ କରିବା ପାଇଁ ରସୁଣ ବହୁତ ଉପକାର କରିଥାଏ । ଆଣ୍ଠୁଗଣ୍ଠି ଜନିତ ଯନ୍ତ୍ରଣା ସମସ୍ୟା ଥିଲେ ଔଷଧ ଅପେକ୍ଷା ରସୁଣ ତୁରନ୍ତ କାମ କରେ । ଅନିଦ୍ରା ପରି ସମସ୍ୟା ଥିଲେ ଶୋଇବା ପୂର୍ବରୁ ଏକ ଗ୍ଲାସ କ୍ଷୀର ସହିତ ରସୁଣକୁ ମିଶାଇ ପିଅନ୍ତୁ । ଅଳ୍ପ କିଛିଦିନ ଏହି ଅଭ୍ୟାସ କରିବା ଦ୍ୱାରା ସୁନିଦ୍ରା ପାଇପାରିବା ।

## ଶାରୀରିକ ସମସ୍ୟା ଦୂର କରେ ଖଜୁରୀ

ଖଜୁରୀ ଏକ ଏପରି ଫଳ ଯାହାକି ବର୍ଷକ ୧୨ ମାସ ମିଳିଥାଏ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ ଓ କ୍ୟାଲସିୟମ୍ ପରି ଉପକାରୀ ଜିନିଷ ଭରି ହୋଇ ରହିଥାଏ । ଯାହା କି ଶରୀର ପାଇଁ ବେଶ୍ ଉପକାରୀ ।

ଯଦି ପେଟ ଜନିତ କୌଣସି ସମସ୍ୟା ରହିଥାଏ ତେବେ ଏହାକୁ ପ୍ରତିଦିନ ଖାଇବା ଦ୍ୱାରା ଏଥିରୁ ମୁକ୍ତି ମିଳିଥାଏ ।

ମେଦବହୁଳତାକୁ ନେଇ ଚିନ୍ତିତ ଥିବା ବ୍ୟକ୍ତି ଯଦି ନିୟମିତ ଖଜୁରୀ ଖାଆନ୍ତି, ତେବେ ସେମାନଙ୍କର ଓଜନ ନିୟନ୍ତ୍ରିତ ରହିବା ସହିତ ଚର୍ବି ମଧ ହ୍ରାସ କରିଥାଏ । କିଛି ଲୋକ ଏପରି ଥାନ୍ତି ଯେଉଁମାନେ ଅଳ୍ପ ଟିକେ କାମ କରି ମଧ ଶୀଘ୍ର ହାଲିଆ ହୋଇଯାନ୍ତି । ତେବେ ଏନେଇ ଚିନ୍ତିତ ନ ହୋଇ ଖଜୁରୀ ଖାଆନ୍ତୁ । ଦେଖିବେ ଏପରି କରିବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ ।

ବର୍ତ୍ତମାନ ସମସ୍ତଙ୍କ ସାମ୍ନାରେ ମୁଣ୍ଡ ଟେକିଛି କେଶ ସମସ୍ୟା । କେଶ ସମସ୍ୟାକୁ ନେଇ ଆଜିକାଲି ସମସ୍ତେ ଚିନ୍ତିତ । କିନ୍ତୁ ପ୍ରତିଦିନ ଖଜୁରୀ ଖାଇବା ଦ୍ୱାରା କେଶ ଝଡିବା ବନ୍ଦ ହେବା ସହିତ କେଶ କଳା ହେବାକୁ ମଧ ଲାଗେ ।

## କହିପାରିବେ କି ?

୧) ଲଘୁ ଉଦ୍ୟୋଗ ଦିବସ କେବେ ପାଳନ କରାଯାଏ ?
(୨) ପଙ୍କଜ ଆଡଭାନୀଙ୍କର କେଉଁ ଖେଳ ସହିତ ସମ୍ପର୍କ ରହିଛି ?
(୩) ଅଁଳାରେ କେଉଁ ଭିଟାମିନ୍ ପ୍ରଚୁର ମାତ୍ରାରେ ଥାଏ ?
(୪) ଭାରତର କେଉଁ ରାଜ୍ୟରେ ସବୁଠୁ ଉଚ୍ଚରେ ଏକ ହର୍ବାଲ ପାର୍କ ନିର୍ମାଣ କରାଯାଇଛି ?
(୫) ଭାରତରେ ‘ଏନଭାର୍ଣ୍ଣମେଣ୍ଟ ଆକ୍ଟ’ କେବେ ଗୃହୀତ ହୋଇଥିଲା ?
(୬) ସର୍ବ ପୁରାତନ ବାଦ୍ୟଯନ୍ତ୍ରର ନାମ କ’ଣ ?
(୭) ନୌଟଙ୍କୀ କେଉଁ ରାଜ୍ୟର ଲୋକନୃତ୍ୟ ?
(୮) ପମ୍ପା ସରୋବର କେଉଁଠାରେ ଅବସ୍ଥିତ ?
(୯) ମହାରାଜା ଦଶରଥଙ୍କୁ ରାମଙ୍କ ଭବିଷ୍ୟତ କଥା କିଏ କହିଥିଲେ ?
(୧୦) ‘ମାଇ ଲାଇଫ୍’ କାହାର ଆତ୍ମଜୀବନୀ ?

### JUMBLE WORDS

| | |
|---|---|
| 1) LIYEKL = | 6) MHEANU = |
| 2) NGOLBE = | 7) LROTL = |
| 3) NYORI = | 8) BHNCE = |
| 4) VEIWA = | 9) NUIAAG = |
| 5) SUPEUR = | 10) TYAREE = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, “ସ୍ୱୀକାର”, ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ୩୨ଟି , ୨. ୨୦୧୦, ୩. ଗୋଟିଏ ଫୁଲ, ୪.ଟ୍ୟୁଲିପ୍ ଫୁଲ, ୫. ପେଟ୍ରୋଲ, ୬.୨୭, ୭. ୨ ଗୁଣ, ୮. ୨ବର୍ଷ , ୯. -୩୫°, ୧୦. ଏପ୍ରିଲ୍ ଫୁଲ ଦିବସରେ ।

***Jumble Words*** ର ଉତ୍ତର :-

(1) RUGBY (2) INPUT (3) ACTUAL (4) SPORTY (5) HELLO (6) DRAWN (7) TONGUE (8) BECOME (9) ABATE (10) TOKEN

## ନଭେମ୍ବର ୧୫ରୁ 'ସମ୍ବଲପୁର ମହୋତ୍ସବ'




ସମ୍ବଲପୁର : ଆସନ୍ତା ମାସ ୧୫ ତାରିଖରୁ ୨୧ ତାରିଖ ଯାଏଁ ସାତଦିନ ବ୍ୟାପୀ 'ସମ୍ବଲପୁର ମହୋତ୍ସବ-୨୦୨୫' ଅନୁଷ୍ଠିତ ହେବ । ଏଥିରେ ମନହରି ହାଟ୍, ମୀନାବଜାର ବିଭିନ୍ନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇ ୩୦ ତାରିଖରେ ଯାଏଁ ଚାଲିବ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ୍ ପରୀକ୍ଷା ନିୟନ୍ତ୍ରକ ରଭୂଷଣ ପୃଷେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ମଣ୍ଡଳୀ, କାର୍ଯ୍ୟକାରୀ ସମିତି ଓ ବିଭିନ୍ନ ଉପ-ସମିତି ପାଇଁ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି । ଏଥିରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାରୁ ବିଶିଷ୍ଟ ବ୍ୟକ୍ତିବିଶେଷ ମନୋନୀତ ହୋଇଛନ୍ତି । ଏଥର ଆୟୋଜନ ପାଇଁ ପ୍ରାୟ ୪୦ ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳ କରାଯାଇଛି । ସୂଚନା ଅନୁସାରେ, ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ, ଇଂ.ସୁଶାନ୍ତ ଗୁରୁ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳର ପୂର୍ବତନ କୁଳପତି ପ୍ରଫେସର ସାଧୁଚରଣ ପଣ୍ଡା ପ୍ରମୁଖ ରହିଛନ୍ତି । ସେହିପରି କାର୍ଯ୍ୟକାରୀ ସମିତିରେ ପ୍ରଫେସର ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, କାର୍ତ୍ତିକ ବହିଦାର, ସାଧକ ସଦାନନ୍ଦ ପଣ୍ଡା, ପ୍ରାକ୍ତନ ବୀମା ପ୍ରଶାସକ ପ୍ରସନ୍ନ ଆଚାର୍ଯ୍ୟ, କ୍ଷେତ୍ରମଣି ବିଭାର, ଡାକ୍ତର ପ୍ରଦୀପ କୁମାର ସେଠ୍, ଦୀପାଳି ଚୌଧୁରୀ, ସୁବ୍ରତ ବିର୍ଜଆ, ଚାଷୀନେତା ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ରହିଛନ୍ତି । ସେହିପରି ସପନ ମିଶ୍ର କାର୍ଯ୍ୟକ୍ରମର ସଂଯୋଜକ ଦାୟିତ୍ୱ ନିର୍ବାହ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି ।

ଇତି ମଧରେ ସମ୍ବଲପୁର ମହୋତ୍ସବ ଉପଲକ୍ଷେ ମହୋତ୍ସବ-ଗୀତିକା 'ଆସିଗଲେ ଥରେ ସମ୍ବଲପୁର ମହୋତ୍ସବ୍...' ର ଦୃଶ୍ୟକରଣ ସମାହିତ ହୋଇଛି । ଗୀତକୁ ରାଜକୁମାର ଜାଲ ଓ ସ୍ୱୟଂଜିତ ପଟ୍ଟନାୟକ ଗାଇଛନ୍ତି । ଏହି ମହୋତ୍ସବ-ଗୀତିକା'ର ପୂର୍ବରୁ ରେକର୍ଡିଂ ସରିଛି । ଅଭିନେତ୍ରୀ ରୋଜୀ ଷଡ଼ଙ୍ଗୀ, ଅସୀମ୍ ପ୍ରଧାନ, ସରୋଜ, ଭବତୋଷ୍, ଲମ୍ବୋଦର୍, ଲୋକନାଥ, ଜ୍ୟୋତି, ନିଧି, ପ୍ରଥମ, ସୁପ୍ରିୟା, ସ୍ପନ୍ଦନ୍ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି । ଦୁର୍ଗା ପ୍ରସାଦ ଦାଶ, ଅସୀମ ପ୍ରଧାନ, ସରୋଜ ମେହେର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହାର ଦୃଶ୍ୟ ଚିତ୍ର ଉତ୍ତୋଳନ ହୋଇଛି । ସମ୍ବଲପୁର ମହୋତ୍ସବ-୨୦୨୫ ପରିପ୍ରେକ୍ଷୀରେ ଖୁବ ଶୀଘ୍ର ଏହା ମୁକ୍ତିଲାଭ କରିବ । ସୁଟିଂ କାର୍ଯ୍ୟକୁ ସୁଶାନ୍ତ ପୁରୋହିତ ଉଦଘାଟନ କରିଥିଲେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

## ଜିଲ୍ଲା ପ୍ରତିଷ୍ଠା ଦିବସ ଓ ମହୋତ୍ସବ 'ଦୁଲଦୁଲି' ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା: ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଜିଲ୍ଲା ମହୋତ୍ସବ 'ଦୁଲଦୁଲି -୨୦୨୬' ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ କୁଣାଲ ମୋତିରାମ ଚହ୍ୱାଣ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଷ୍ଠା ଦିବସ ଓ ମହୋତ୍ସବ ଆୟୋଜନ ପୂର୍ବକ କଳା ଓ ସଂସ୍କୃତି ବଜାୟ ରଖିବା ଦିଗରେ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରି ଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଅଜୟ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିମଳେନ୍ଦୁ ଭୋଳ ବିଗତ ବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ପ୍ରତି ବର୍ଷ ପରି ଆସନ୍ତା ଜାନୁଆରୀ ୧ ତାରିଖ ରେ ଜିଲ୍ଲା ପ୍ରତିଷ୍ଠା ଦିବସ ସହ ୫ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଦୁଲଦୁଲି ବିଟିଏମ୍ ପଡ଼ିଆରେ ଅନୁଷ୍ଠିତ ହେବ । ମହୋତ୍ସବ ସହିତ ପଲ୍ଲୀଶ୍ରୀ ମେଳାର ଆୟୋଜିତ ହେବ । ମହୋତ୍ସବରେ ଗୋଟିଏ ଦିନ କେବଳ ମହିଳା ମାନଙ୍କ ଦ୍ୱାରା ପରିଚାଳନା କରାଯିବାକୁ ସ୍ଥିର କରାଯାଇଛି । ସଭ୍ୟ/ସଭ୍ୟା ମାନେ ମହୋତ୍ସବର ସଫଳ ଆୟୋଜନ ନେଇ ପ୍ରସ୍ତାବ ମାନ ଦେଇଥିଲେ । ପ୍ରତିଦିନ ସନ୍ଧ୍ୟାରେ ଦେଶ, ରାଜ୍ୟ ଓ ସ୍ଥାନୀୟ ଲୋକକଳା ଭିତ୍ତିକ ଓ ଶାସ୍ତ୍ରୀୟ ଦଳ ମାନଙ୍କୁ ଆମନ୍ତ୍ରଣ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ । ମହୋତ୍ସବ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମ୍ପୃକ୍ତ କମିଟି ଗୁଡ଼ିକର ପୃଥକ ପୃଥକ ଭାବେ ବୈଠକ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି ।

## ଏନ୍‌ଏସ୍‌ସିବି କଲେଜରେ ସାଇବର ସଚେତନତା

ସମ୍ବଲପୁର : ସମ୍ବଲପୁର ପୁଲିସ୍ ପକ୍ଷରୁ ସାଇବର ସଚେତନତା ଅଭିଯାନ-୨୦୨୫ ଅଧିନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ପ୍ରାୟ ୬୦୦ ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧାପକ-ଅଧାପିକା, ଛାତ୍ରଛାତ୍ରୀ, ଏନସିସି ଓ ଏନ୍‌ଏସ୍‌ଏସ୍ କ୍ୟାଡ଼େଟ୍‌ମାନଙ୍କୁ ସାଇବର ଠକେଇ ଉଦ୍ୟମକୁ ଚିହ୍ନଟ କରିବା, ଏହାକୁ ପ୍ରତିହତ କରିବା ଓ ସୋସିଆଲ ମିଡ଼ିଆର ସୁରକ୍ଷିତ ବ୍ୟବହାର କରିବା ସମ୍ପର୍କରେ ପୁଲିସ ଅଧିକାରୀମାନେ ପ୍ରଶିକ୍ଷଣ ଦେଇଥିଲେ । ବିଶେଷ ଭାବେ ଅଜଣା ଭିଡ଼ିଓ କଲ୍‌ଠାରୁ ସାବଧାନ ରହିବା ସମ୍ପର୍କରେ ମଧ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମର ଥିମ୍ ଥିଲା 'କ୍ଲିକ୍ କରିବା ପୂର୍ବରୁ ଭାବନ୍ତୁ' । ଏଥିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପ-ଆରକ୍ଷୀ ଅଧିକ୍ଷକ, ଆରକ୍ଷୀ ନିରୀକ୍ଷକ ଯୋଗ ଦେଇଥିଲେ ।

## ଲଖନପୁର କୋଇଲା କ୍ଷେତ୍ରରେ ଦୀପୋତ୍ସବ

ଝାରସୁଗୁଡ଼ା: ଏମ୍‌ସିଏଲ ଲଖନପୁର କୋଇଲା କ୍ଷେତ୍ର ଅଞ୍ଚଳ ବନ୍ଧବାହାଲରେ ସାମୂହିକ ଦୀପଦାନ ଉତ୍ସବ ପାଳିତ ହୋଇଛି । ଦୀପାବଳୀ ଅବସରରେ ଏହି ବର୍ଷକୁ ଧରି ଗତ ଚାରିବର୍ଷ ହେବ ଆରମ୍ଭ କରାଯାଇଥିବା ଏହି ଉତ୍ସବ ଚଳିତ ବର୍ଷ ଅଯୋଧ୍ୟାକୁ ଛାଡିଦେଲେ ସମଗ୍ର ଭାରତ ବର୍ଷରେ ଏଭଳି ଏତେ ଦୀପ ଏକାସାଙ୍ଗରେ ଜଳି ଉତ୍ସବ ପାଳନ କରିବା ଦ୍ୱିତୀୟ ବୋଲି କୁହାଯାଇଛି । ଶାନ୍ତି, ମୈତ୍ରୀ ଓ ଭାଇଚାରାଭାବ ସହ ରାଷ୍ଟ୍ର ଗଠନ ନେଇ ଲଖନପୁର କ୍ଷେତ୍ର ପକ୍ଷରୁ ପ୍ରଥମ ବର୍ଷ ୫, ୧୦୦, ଦ୍ୱିତୀୟ ବର୍ଷ ୫୧, ୦୫୧, ତୃତୀୟ ବର୍ଷ ୧, ୧୧, ୧୧୧, ଚତୁର୍ଥ ବର୍ଷ ୧, ୨୧, ୦୦୦ ଦୀପ ଜଳାଯାଇଥିବା ବେଳେ ଚଳିତ ବର୍ଷ ୧, ୨୫, ୫୨୧ ଦୀପ ପ୍ରଜ୍ୱଳନ କରା ଯାଇଛି । ଏହି କାର୍ଯ୍ୟକୁ ସଫଳ କରିବାକୁ ୫ଦିନ ଧରି ଦୀନବାନ୍ଧବ କ୍ଷେତ୍ର ଭାବେ ପରିଚିତ ଜଗନ୍ନାଥ ମନ୍ଦିରର ସମ୍ମୁଖରେ, ସେଣ୍ଟ୍ରାଲ ପାର୍କରେ ତଥା କଲ୍ୟାଣମଣ୍ଡପ ସମ୍ମୁଖ ରାସ୍ତା ଗୁଡ଼ିକ ଅବରୋଧ କରାଯାଇ ପ୍ରଥମେ ଧୋଇ ଦେବାପରେ ଏମସିଏଲ ଲଖନପୁର କ୍ଷେତ୍ର କର୍ମଚାରୀ, ମହିଳା କର୍ମଚାରୀ, ସ୍କୁଲ ଛାତ୍ରଛାତ୍ରୀ କଲୋନୀରେ ମହିଳାମାନେ ବିଭିନ୍ନ ରଙ୍ଗୋଲି କରିଥିଲେ । ଏଥିରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଓ୍ୱଧ କିଶୋର ପାଣ୍ଡେ ମୁଖ୍ୟ କର୍ତ୍ତା କାର୍ଯ୍ୟନିର୍ବାହ କରିଥିଲେ । ସନ୍ଧ୍ୟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଖରେ ଏମସିଏଲ୍ ଡିଟି ସଞ୍ଜୟ କୁମାର ଝା ତଥା ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ ଠାକୁରଙ୍କୁ ପୂଜାର୍ଚ୍ଚନା ମନ୍ଦିର ଚୂଡାକୁ ମହାଦୀପ ଉଠିଥିଲା । ଦୀପଦାନ କରିବାପରେ ସମୂହ ଦୀପଦାନ କରା ଯାଇଥିଲା । ଏହି ଅବସରରେ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏମସିଏଲ ସିଏମଡି ଅନନ୍ତ ଉଦୟ କାଉଲେ, ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ବିଶ୍ୱଜିତ ଷଡ଼ଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ । ଲଖନପୁର, ଜିଏମ୍ ମାଇନିଙ୍ଗ ସତ୍ୟଭୂଷଣ ବାରିକ, ସିଡବ୍ଲ୍ୟୁଏସ୍ ଜିଏମ୍ ସମିର କୁମାର ତଥା ଶ୍ରମିକ ସଂଗଠନର ଜେସିସି ମେମ୍ବର ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଆଇଏଲବିଏଲ୍ ପକ୍ଷରୁ ୬୭ ହଜାର, କୋଲୱାସେରୀ ପକ୍ଷରୁ ୨୪ହଜାର, ଜିଏମ୍ କାର୍ଯ୍ୟାଳୟ ପକ୍ଷରୁ ୨୩ହଜାର, ସିଡବ୍ଲ୍ୟୁଏସ୍ ପକ୍ଷରୁ ୧୧ହଜାର, ମନ୍ଦିର କମିଟି ପକ୍ଷରୁ ୫୨୧ ଦୀପଦାନ କରାଯାଇଥିଲା । ଏଥିପାଇଁ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡ, ପାର୍କ ମନ୍ଦିର ପରିସରରେ ବିଭିନ୍ନ ରଙ୍ଗ ବେରଙ୍ଗର ଚିତ୍ତାକର୍ଷକ ଝୋଟି, ରଙ୍ଗ ବେରଙ୍ଗ ଆଲୋକ ସଜ୍ଜା କରାଯାଇଥିଲା । ଏଥିରେ ବିଭାଗୀୟ ଅଧିକରୀ ସମେତ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସେଚ୍ଛାସେବୀ ଅନୁଷ୍ଠାନ, ଉତ୍ସବରେ ବନ୍ଧବାହାଲ ତଥା ଆଖପାଖ ଅଞ୍ଚଳରୁ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ସୋହେଲାରେ ଆରଏସ୍‌ଏସ୍‌ର ଶତବାର୍ଷିକୀ ଉତ୍ସବ

ବରଗଡ଼ : ସୋହେଲାରେ ଆରଏସ୍‌ଏସ୍‌ର ଶତବାର୍ଷିକୀ ଉତ୍ସବ ପାଳିତ ହୋଇଛି । ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ସ୍ୱୟଂସେବକ ଅଂଶଗ୍ରହଣ କରିଥିଲେ । ସ୍ୱୟଂସେବକମାନେ ସ୍ଥାନୀୟ ଅଗ୍ରସେନ ଭବନ ଠାରୁ ଭବ୍ୟ ପଥ ସଞ୍ଚଳନ କରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ ମିନି ଷ୍ଟାଡିୟମରେ ପହଞ୍ଚିବା ପରେ ଜିଲ୍ଲାସ୍ତରୀୟ ଉତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ପଶ୍ଚିମ ଓଡ଼ିଶାର ଜଣାଶୁଣା କଳାକାର ରମେଶ ଚନ୍ଦ୍ର ଗୁର୍ଲା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସ୍ୱୟଂସେବକମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ସଂଘଚାଳକ ବିପିନ ବିହାରୀ ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସଂଘର ସ୍ଥାପନାରୁ ନେଇ ଶହେ ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ସଂଘର୍ଷମୟ ଯାତ୍ରା ଓ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ସ୍ୱୟଂସେବକମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୭୦୫ଜଣ ସ୍ୱୟଂସେବକ ତଥା ୨୦୦ରୁ ଅଧିକ ନିମନ୍ତ୍ରିତ ଅତିଥିବୃନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା ସଂଘ ଚାଳକ ରୋହିତ ମେହେର ମଞ୍ଚାସୀନ ଥିଲେ । ପୂର୍ବ କ୍ଷେତ୍ରର ସହ କ୍ଷେତ୍ର କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ କାର୍ଯ୍ୟବାହ ଇଞ୍ଜିନିୟର ଗଣେଶ ମହାପାତ୍ର, ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା, ସହ ଜିଲ୍ଲା ସଂଘଚାଳକ ଡ. ସତ୍ୟସାଇ ନାୟକ ପ୍ରମୁଖଙ୍କ ସମେତ ସମଗ୍ର ଜିଲ୍ଲା କାର୍ଯ୍ୟକାରିଣୀ ଉପସ୍ଥିତ ଥିଲେ । ଜିଲ୍ଲା କାର୍ଯ୍ୟବାହ ତାରାଚାନ୍ଦ କଣ୍ଟା ଅତିଥି ପରିଚୟ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।





### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ବେଦାନ୍ତ ପାଇଁ ରାଜ୍ୟର... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ବିଭିନ୍ନ ଟ୍ରଷ୍ଟ ଓ ପରିଚାଳନା ସମିତି ଅଧିନରେ ଚାଲିଥିବା ଏଲ୍.ଏନ୍ କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ କାଳ ଧରି ଉଦ୍ୟମ ଜାରି ରହିଥିଲେ ମଧ ଏହା ସଫଳ ହୋଇ ନାହିଁ ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଝାରସୁଗୁଡ଼ାର ଅବସ୍ଥା କହିଲେ ନ ସରେ । ଝାରସୁଗୁଡ଼ାରେ ଗୋଟିଏ ମଲଟି ସୁପର ସ୍ପେସାଲିଟି ହସ୍ପିଟାଲ ଖୋଲିବାକୁ ବେଦାନ୍ତ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ଏ ପର୍ଯ୍ୟନ୍ତ ଖୋଲି ନାହିଁ । ଅପର ପକ୍ଷରେ ମଲଟି ସ୍ପେଶାଲିଟି ହସ୍ପିଟାଲ ଖୋଲିବା ନାଁରେ ବେଦାନ୍ତ ୯୦ ଏକର ସରକାରୀ ଜମି ନେଇଥିଲେ ହେଁ ସେଠାରେ ଏକ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଖୋଲିଛି ଏବଂ ସେଠାରେ ଲୋକମାନଙ୍କୁ ପଇସା ଦେଇ ବିଭିନ୍ନ ପ୍ରକାର ପରୀକ୍ଷା କରିବାକୁ ପଡୁଛି । ଝାରସୁଗୁଡ଼ାରେ ଭଲ ସ୍ୱାସ୍ଥ୍ୟସେବା ଆଉ ଡାକ୍ତର ନ ଥିବାରୁ ଆର୍ଥିକ ସ୍ୱଚ୍ଛଳ ଥିବା ଲୋକମାନେ ସମ୍ବଲପୁର କିମ୍ବା ବୁର୍ଲାକୁ ଆସି ଚିକିତ୍ସିତ ହେଉଛନ୍ତି । ଅପର ପକ୍ଷରେ ସାଧାରଣ ଓ ଗରିବଲୋକ ବାଧ ହୋଇ ସରକାରୀ ହାସପାତାଲରେ ଚିକିତ୍ସିତ ହେଉଛନ୍ତି ।

ସାଧାରଣ ଲୋକଙ୍କର ନିମ୍ନତମ ସୁବିଧା ଯୋଗାଇବାରେ ବିଫଳ ହୋଇଥିବା ବେଦାନ୍ତ କାରଖାନା ବିଭିନ୍ନ ସରକାରୀ ରାଜସ୍ୱ ପୈଠ କରିବାରେ ମଧ ଟାଳଟୁଳ ନୀତି ଅବଲମ୍ବନ କରୁଛି । କୌଣସି ରକମର ରାଜସ୍ୱ ପୈଠ କରିବାକୁ କାରଖାନାକୁ ସରକାରଙ୍କ ପକ୍ଷରୁ ନୋଟିସ୍ କରାଗଲେ ହାଇକୋର୍ଟର ଆଶ୍ରୟ ନେଇ ତାହା ଦେଉନାହିଁ । ପ୍ରଦୂଷଣ ନିୟନ୍ତ୍ରଣ ଆଇନର ଉଲ୍ଲଂଘନ କରିଥିବା ଅଭିଯୋଗରେ କାରଖାନାକୁ ହୋଇଥିବା ପ୍ରାୟ ୯୭ କୋଟି ଟଙ୍କା ଜରିମାନା ମଧ ଦେଇନାହିଁ । ଝାରସୁଗୁଡ଼ା ଓ ସମ୍ବଲପୁର ଅଞ୍ଚଳରେ ପ୍ରଦୂଷଣର ମାତ୍ରା ଅତ୍ୟଧିକ ରହୁଥିବାରୁ ଏ ଅଞ୍ଚଳରେ ନୂତନ କାରଖାନା ଖୋଲିବାକୁ ଅନୁମତି ନ ଦିଆ-ଯିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୨୦୧୬ ମସିହାରୁ ସ୍ପଷ୍ଟଭାବେ ମତ ଦେଇଥିଲେ ହେଁ ସେଥିପ୍ରତି ଭ୍ରୁକ୍ଷେପ ନ କରି ଏହି କାରଖାନାକୁ ସଂପ୍ରସାରଣ ପାଇଁ ଅନୁମତି ଦିଆଯାଇଛି ।

ତେଣୁ ରାଜ୍ୟ ସରକାର ବେଦାନ୍ତ କାରଖାନା ଝାରସୁଗୁଡ଼ାରେ ପ୍ରତିଷ୍ଠା ହେବା ପରେ ଏ ଜିଲ୍ଲାର ଅର୍ଥନୀତି, ପରିବେଶ ଉପରେ କ'ଣ ପ୍ରଭାବ ପଡିଛି ସେ ସଂପର୍କରେ ଏକ ନିରପେକ୍ଷ ବ୍ୟକ୍ତି କିମ୍ବା ସଂସ୍ଥା ଦ୍ୱାରା ତଦନ୍ତ କରାଇ ତାର ଫଳାଫଳ ଜାଣିବା ପରେ ବେଦାନ୍ତ ଗ୍ରୁପ୍‌କୁ ସହଯୋଗ କରିବା ବିଜ୍ଞତାର ପରିଚୟ ହେବ । ଅନ୍ୟଥା ରାଜ୍ୟର ଆଉ କେତେକ ସହରକୁ ମଧ ଝାରସୁଗୁଡ଼ା ଭଳି ଅବସ୍ଥା ଭୋଗିବା ସାର ହେବ ଏବଂ ଏଥିପାଇଁ ରାଜ୍ୟ ସରକାର ବଦନାମ୍ ହେବେ ।

ବେଦାନ୍ତ ଗ୍ରୁପ୍‌ର ଅଧକ୍ଷ ଅନୀଲ ଅଗ୍ରୱାଲ ମୁଖ୍ୟମନ୍ତ୍ରୀଙ୍କୁ ଇତି ମଧରେ ଓଡ଼ିଶାରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଅତୀତରେ ବେଦାନ୍ତ ଗ୍ରୁପ୍ ପୁରୀ ଠାରେ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ପଦକ୍ଷେପ ନେଇ ଥିବା ବେଳେ ଝାରସୁଗୁଡ଼ାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବେଦାନ୍ତ କାରଖାନାର ପାଉଁଶ ଓ କୋଇଲା ଗୁଣ୍ଡ ଖାଇ ଝାରସୁଗୁଡ଼ାବାସୀ ପ୍ରଦୂଷଣର ଶିକାର ହେଉଥିବା ବେଳେ କେଉଁ ନୀତି ଆଧାରରେ ବେଦାନ୍ତ ଗ୍ରୁପ୍ ପୁରୀରେ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ଯାଉଛନ୍ତି ବୋଲି ଲୋକମାନେ ଖୋଲାକୋଲି ସ୍ୱର ଉତ୍ତୋଳନ କରିଥିଲେ । ତେବେ ତତ୍କାଳୀନ ସରକାର ଲୋକଙ୍କ ସ୍ୱରକୁ ଚାପି ଦେଇ ପୁରୀ ଠାରେ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ବେଦାନ୍ତକୁ ସମସ୍ତ ପ୍ରକାର ସହଯୋଗ କରିଥିଲେ । ସେ ଯାହା ହେଉ ବିଭିନ୍ନ କାରଣରୁ ବେଦାନ୍ତର ଏ ପ୍ରସ୍ତାବ କାର୍ଯ୍ୟକାରୀ ହୋଇନାହିଁ ।

ବେଦାନ୍ତ କାରଖାନା ପ୍ରତିଷ୍ଠା ହେବା ପରେ ଝାରସୁଗୁଡ଼ାବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ଅନେକ ମୂଲ୍ୟ ଦେବାକୁ ପଡିଛି । ତେଣୁ ବେଦାନ୍ତ ଗ୍ରୁପ୍‌ର ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଝାରସୁଗୁଡ଼ାର ପୁରା ହକ୍ ରହିଛି । ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେଲେ ବିଳମ୍ବରେ ହେଲେ ମଧ ଜିଲ୍ଲାବାସୀ କିଛି ପରିମାଣରେ ନ୍ୟାୟ ପାଇ ପାରିବେ । ଏହାଛଡ଼ା ଝାରସୁଗୁଡ଼ାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କଲେ ସମଗ୍ର ପଶ୍ଚିମ ଓଡ଼ିଶା ସମେତ ପଡୋଶୀ ରାଜ୍ୟର ଛାତ୍ରଛାତ୍ରୀମାନେ ଉପକୃତ ହୋଇ ପାରିବେ । ଏଥିପାଇଁ ଝାରସୁଗୁଡ଼ାରେ ବିମାନ ବନ୍ଦର ସମେତ ସମସ୍ତ ପ୍ରକାର ଯୋଗାଯୋଗର ସୁବିଧା ରହିଛି । ଶିଳ୍ପ ସମୃଦ୍ଧ ଏହି ଜିଲ୍ଲାରେ କୌଣସି ବୈଷୟିକ ଶିକ୍ଷାନୁଷ୍ଠାନ ମଧ ନାହିଁ । କେବଳ ଯାହା ପୁରାତନ ଇଞ୍ଜିନିୟରିଂ ସ୍କୁଲ ରହିଛି । ଏହାକୁ କଲେଜରେ ରୂପାନ୍ତର ଯୋଜନା ମଧ କାର୍ଯ୍ୟକାରୀ ହୋଇ ପାରିନାହିଁ । ଏସବୁ ଦୃଷ୍ଟିରୁ ବେଦାନ୍ତର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଝାରସୁଗୁଡ଼ାର ସମସ୍ତ ପ୍ରକାର ଯୋଗ୍ୟତା ରହିଛି । ତେବେ ଏଥିପାଇଁ ଦୃଢ଼ ରାଜନୈତିକ ଇଚ୍ଛା ଶକ୍ତିର ଆବଶ୍ୟକତା ରହିଛି । ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର କ୍ଷମତାରେ ରହିଥିବାରୁ ଏବଂ ଜିଲ୍ଲାର ଦୁଇଟିଯାକ ବିଧାନସଭା ଆସନ ବିଜେପି ହାତରେ ଥିବାରୁ ତଥା ସର୍ବୋପରି ଓଡ଼ିଶାର ଜଣେ ପ୍ରତିନିଧି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥିବା ଦୃଷ୍ଟିରୁ ବେଦାନ୍ତ ଉପରେ ଚାପ ଦେଇ ଝାରସୁଗୁଡ଼ାରେ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଖୋଲାଗଲେ ତାହା ଏ ଅଞ୍ଚଳବାସୀଙ୍କ ପ୍ରତି ଡ଼ବଲ ଇଞ୍ଜିନ ସରକାରର ଏକ ବଡ଼ ଉପହାର ହେବା ସାଙ୍ଗକୁ ବେଦାନ୍ତ ଉପରେ ରହିଥିବା ଜନ ଅସନ୍ତୋଷ କିଛି ମାତ୍ରାରେ ପ୍ରଶମିତ ହୋଇ ପାରିବ ।

## ବିଶିଷ୍ଟ ସାହିତ୍ୟିକ କବି ରାଜେନ୍ଦ୍ର ପଣ୍ଡାଙ୍କ ପରଲୋକ

ଭୁବନେଶ୍ୱର : ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ସ୍ରଷ୍ଟା ତଥା ବିଶିଷ୍ଟ ସାହିତ୍ୟିକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା ଓ ଅନ୍ତିମ ଶଯ୍ୟା ନିକଟରେ ତାଙ୍କର ଦୁଇ ଝିଅ ମନୀଷା, ନିନୀଷାଙ୍କ ସମେତ ଜ୍ୱାଇଁ ଓ ନାତି ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶା ପୁଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି । ମୃତ୍ୟୁ ପୂର୍ବରୁ ତାଙ୍କ ଶରୀରକୁ ସେ ଦାନ କରିବାକୁ କରିଥିବା ଇଚ୍ଛାପତ୍ର ଅନୁଯାୟୀ ପରିବାର ଲୋକମାନେ ତାଙ୍କ ମର ଶରୀରକୁ ଏମ୍ସ ହସ୍‌ପିଟାଲକୁ ହସ୍ତାନ୍ତର କରିଛନ୍ତି ।



୧୯୪୪ ଜୁନ୍ ୨୪ରେ ଝାରସୁଗୁଡ଼ା ଜିଲ୍ଲା ବଡ଼ଲଗା ଗାଁରେ ରାଜେନ୍ଦ୍ର କିଶୋର ପଣ୍ଡା ଜନ୍ମଗ୍ରହଣ କରିଥିଲେ । ରମ୍ପେଲାରେ ତାଙ୍କ ପ୍ରାଥମିକ ଶିକ୍ଷା ପରେ ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ଓ ଗଙ୍ଗାଧର ମେହେର କଲେଜରେ ପାଠ ପଢ଼ିବା ପରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ସେ ୧୯୬୭ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇ ବିଭିନ୍ନ ପଦ ପଦବୀରେ ଅବସ୍ଥାପିତ ହୋଇଥିଲେ । ୨୦୦୪ରେ ଅବସର ଗ୍ରହଣ ପରେ ସେ ଭୁବନେଶ୍ୱରରେ ରହି ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସାହିତ୍ୟ ସାଧନାରେ ମଗ୍ନଥିଲେ । ସ୍ୱର୍ଗତ ପଣ୍ଡା ଷୋହଳଟି କବିତା ସଂକଳନ ଓ ଦୁଇଟି ଉପନ୍ୟାସର ରଚନା କରିଛନ୍ତି । ୧୯୪୭ରେ ତାଙ୍କର ପ୍ରଥମ କବିତା ସଂଗ୍ରହ 'ଗୌଣ ଦେବତା' ପ୍ରକାଶିତ ହୋଇଥିଲା । 'ଶୈଳକଳ୍ପ' ଲାଗି ୧୯୮୫ରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ସେ ୨୦୦୪ରେ ବିଷୁବ ପୁରସ୍କାର, ୨୦୨୧ରେ ସାରଳା ସମ୍ମାନ, ୨୦୧୨ରେ ଗଙ୍ଗାଧର ଜାତୀୟ ସମ୍ମାନ, ୧୯୯୫ରେ ଶାରଳା ପୁରସ୍କାର, ୧୯୯୪ରେ ଝଙ୍କାର ପୁରସ୍କାର, ୨୦୦୪ରେ ସାହିତ୍ୟ ଭାରତୀ ସମ୍ମାନ, ୨୦୦୫ରେ ସଚ୍ଚି ରାଉତରାୟ ସମ୍ମାନ, କୁଭେମ୍ପୁ ଜାତୀୟ ପୁରସ୍କାରୀ (କର୍ଣ୍ଣାଟକ) ଲାଭ କରିଥିଲେ । ସ୍ୱର୍ଗତ ପଣ୍ଡାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟିକ ଶୋକ ପ୍ରକାଶ କରିଛନ୍ତି ।

## ରାଜାରାମ ଷଡ଼ଙ୍ଗୀ ସମ୍ମାନିତ



ସମ୍ବଲପୁର: ସ୍ୱାସ୍ଥ୍ୟ ସେବା ସହିତ ସମାଜ ସେବାରେ ସକାରାତ୍ମକ ମନୋଭାବ ପାଇଁ ପଢ଼ିଆବାହଲର ଆୟୁର୍ବେଦ ଡାକ୍ତର ରାଜାରାମ ଷଡ଼ଙ୍ଗୀ 'ଜାତୀୟ ଧନ୍ୱନ୍ତରୀ ସମ୍ମାନ-୨୦୨୫' ପାଇଛନ୍ତି । କଟକରେ ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ରାଜ୍ୟ ସ୍ତରୀୟ ଧନ୍ୱନ୍ତରୀ ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ରରେ ଜଷ୍ଟିସ୍ ଡକ୍ଟର ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଆଧାତ୍ମିକ ଗୁରୁ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ମଧୁସୂଦନ ଆଇନ ବିଶ୍ୱ-ବିଦ୍ୟାଳୟର କୁଳପତି ପ୍ରଫେସର କମଳଜିତ୍ ସିଂହ ଡାକ୍ତର ଷଡ଼ଙ୍ଗୀଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଉତ୍ସବରେ ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ, ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ, ଅବସର ପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧିକାରୀ ରାଜକିଶୋର ସ୍ୱାଇଁ, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଆଡ଼ଭୋକେଟ୍ ଅଜିତ କୁମାର ମହାପାତ୍ର ଓ ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାର ଅଧକ୍ଷ ଡାକ୍ତର ଦୀନବନ୍ଧୁ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ବଂଶୀଧର କରଙ୍କ ସମେତ ୩ ପରିବେଶ ସୁରକ୍ଷାକର୍ମୀ ସମ୍ମାନିତ

ସମ୍ବଲପୁର : ଜଙ୍ଗଲ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ଚାଲିଥିବା 'ଏକ ପେଡ୍ ମା'କି ନାମ' ଅଭିଯାନରେ ରେଙ୍ଗାଲି ଶିଳ୍ପାଞ୍ଚଳ କ୍ଷେତ୍ରରେ ପ୍ରଭାବି କାର୍ଯ୍ୟକାରିତା ତଥା ପରିବେଶର ସୁରକ୍ଷା ଦିଗରେ ଏକାଧିକ କାର୍ଯ୍ୟକ୍ରମରେ ସକ୍ରିୟ ଥିବା ତିନିଜଣ ପ୍ରକୃତିପ୍ରେମୀକୁ ମଣ୍ଡଳ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ୍) ଟି. ଅଶୋକ କୁମାର ସମ୍ମାନିତ କରିଛନ୍ତି । ଏମାନେ ହେଲେ ସମାଜସେବୀ ତଥା ପ୍ରକୃତିବନ୍ଧୁ ବଂଶୀଧର କର, ବିଶାଳଖିଣ୍ଡା ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ପ୍ରେମାନନ୍ଦ ଖମାରୀ ଓ ପ୍ରକୃତି ବନ୍ଧୁ ଦେବାଶିଷ ସାହୁ । ସମ୍ବଲପୁର ବନଖଣ୍ଡ



ଅନ୍ତର୍ଗତ ରେଙ୍ଗାଲିର ବିଭିନ୍ନ ଗ୍ରାମାଞ୍ଚଳରେ ସାର୍ବଜନୀନ ସ୍ଥାନ, ମଠ, ମନ୍ଦିର ପରିସର, ସଂରକ୍ଷିତ ଜଙ୍ଗଲ ଜମି, ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଏମାନେ ବୃକ୍ଷରୋପଣ କରୁଛନ୍ତି । ପରିବେଶ ସୁରକ୍ଷା, ବନ୍ୟଜୀବନ ସୁରକ୍ଷା, ପ୍ରଦୂଷଣ ରୋକିବା, ବନୀକରଣ ଦ୍ୱାରା ନୂଆ ବନସମ୍ପଦ ସୃଷ୍ଟି, ବନାଗ୍ନି ନିୟନ୍ତ୍ରଣ ପରି ସମ୍ବେଦନଶୀଳ ପାରିବେଶିକ ପ୍ରସଙ୍ଗରେ ଏମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଜଡ଼ିତ ଅଛନ୍ତି । ଚଳିତ ବର୍ଷ ଏମାନଙ୍କ ଉଦ୍ୟମରେ ଆଞ୍ଚଳିକ ପ୍ରକୃତି ଓ ପରିବେଶ ସୁରକ୍ଷା ମଞ୍ଚ ପକ୍ଷରୁ ବିଭିନ୍ନ ସ୍ଥାନରେ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିବା ବଂଶୀଧର କର କହିଛନ୍ତି ।

## ଶିଳ୍ପାନୁଷ୍ଠାନ ପାଇଁ ନଦୀ ନାଳ ସାଜିଥିବା ବେଳେ ନାଳ ହଜିଗଲାଣି

ଝାରସୁଗୁଡ଼ା : ଝାରସୁଗୁଡ଼ାରେ ଥିବା ପ୍ରାକୃତିକ ଜଳଉତ୍ସକୁ ହତ୍ୟା କରିବା ପାଇଁ ବାରମ୍ବାର ପ୍ରୟାସ ହେଉଛି । ଶିଳ୍ପାନୁଷ୍ଠାନଗୁଡ଼ିକ କେଉଁଠି ନଦୀକୁ ଜବରଦଖଲ କରି ସାରିଲେଣି ତ ଆଉ କେଉଁଠି ନାଳକୁ ହଜେଇ ଦେଲେଣି । ଫଳସ୍ୱରୂପ ଝାରସୁଗୁଡ଼ା ଜିଲ୍ଲାରେ ଥିବା ନଦୀ ଗୁଡ଼ିକ ଏକ ନାଳର ରୂପ ଧାରଣ କରିସାରିଥିବା ବେଳେ ଅନେକ ନାଳ ଇତିହାସ ପାଲଟିଯାଇଥିବା ନେଇ ଅଭିଯୋଗ ହେଉଛି । ଯାହାର ସଦ୍ୟ ଉଦାହରଣ ହେଉଛି ପଶ୍ଚିମ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମୂକସାକ୍ଷୀ କହାଯାଉଥିବା ଭେଡ଼େନ ନଦୀ । ଐତିହାସିକ ବଣାଇଗଡ଼ରୁ ବାହାରି ଝାରସୁଗୁଡ଼ା ଜିଲ୍ଲା ଖେରୁଆଲ୍‌ରେ ଇବ୍ ନଦୀ ସହିତ ସଙ୍ଗମସ୍ଥଳ ପୂର୍ବରୁ ହିଁ ନଦୀକୁ ପୋତିଦେବାର ଅଭିଯାନ ଆରମ୍ଭ ହୋଇଛି । ବିଗତ ୨୦ ବର୍ଷରେ ଖେରୁଆଲରେ ନଦୀର ପ୍ରସ୍ଥ ୨ଶହ ମିଟରରୁ ହ୍ରାସ ପାଇ ଏବେ ୫୦ ମିଟରରେ ପହଞ୍ଚିଗଲାଣି । କିନ୍ତୁ ନଦୀ ସୁରକ୍ଷା ଦିଗରେ ସରକାର କାଣିଚାଏ ବି ଆଗ୍ରହ ଦେଖାଉ ନ ଥିବାରୁ ଇବ୍ ନଦୀର ଏହି ଉପନଦୀ ଏବେ ତା'ର ଅସ୍ତିତ୍ୱ ହରାଇବାକୁ ବସିଲାଣି ।

ଇତିହାସ ପୃଷ୍ଠାକୁ ଦେଖିଲେ ଏହି ନଦୀର ଆୟତନ ଯଥେଷ୍ଟ ଅଧିକ ରହିଥିଲା । ଏପରିକି ନଦୀର ବଣାଇରୁ ନେଇ ଖେରୁଆଲ୍ ମଧରେ ୩ଠରୁ ଅଧିକ ସ୍ଥାନରେ ଫେରି ଡଙ୍ଗାରେ ଯାତ୍ରୀଙ୍କୁ ନିଆ ଅଣା କରାଯାଉଥିଲା । ପୁରୁଣା ପୁସ୍ତକ ଓ ଲୋକକଥା ଅନୁସାରେ, ଖେରୁଆଲରେ ନଦୀର ଗଭୀରତା ୪୦ ଫୁଟ୍‌ର ଅଧିକ ରହିଥିଲା । କିନ୍ତୁ ୧୯୯୦ ମସିହା ପରଠାରୁ ଲଗାତାର ଭାବେ ଏହି ନଦୀକୁ ହତ୍ୟା କରାଯିବାର ଉଦ୍ୟମ ଜାରି ରହିଛି । ଏପରିକି ନଦୀ କୂଳରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନଗୁଡ଼ିକ ସେମାନଙ୍କର ବର୍ଜ୍ୟ ନିଷ୍କାସନ ପାଇଁ ନଦୀକୁ ଉତ୍କୃଷ୍ଟ ମାଧମ ଭାବେ ବ୍ୟବହାର କରି ଆସୁଛନ୍ତି । କେଉଁଠି ନଦୀ କୂଳରେ ପାଉଁଶ ପାହାଡ଼ ଛିଡ଼ା କରିଦିଆଯାଇଛି ତ ଆଉ କେଉଁଠି ନଦୀ ଭିତରେ ଏହି କୃତ୍ରିମ ପାହାଡ଼ ସୃଷ୍ଟି କରାଯାଇଛି । ଏପରିକି ୨୦୧୭ ମସିହାରେ କାତିକେଲାଠାରେ ଥିବା ପାଉଁଶ ପୋଖରୀ ଭୁଶୁଡ଼ିଯିବା ଫଳରେ ନଦୀରେ ହଜାର ହଜାର ଟନ୍‌ର ପାଉଁଶ ଜମା ହୋଇଯାଇଥିଲା । ଏବେ ବି ଶିଳ୍ପାନୁଷ୍ଠାନଗୁଡ଼ିକରୁ ବଡ଼ ବଡ଼ ପାଇପ୍ ଯୋଗେ ବର୍ଜତରଳ ପାଉଁଶ ସ୍ଲରି ସିଧାସଳଖ ଭେଡ଼େନ ନଦୀକୁ ଛାଡ଼ି ଦିଆ ଯାଉଛି । ସେପଟେ, ସୁନ୍ଦରଗଡ଼ ଜିଲ୍ଲାରୁ ବାହାରିଥିବା ଏକ ନାଳ ଝାରସୁଗୁଡ଼ାର ସିରିଆପାଲି, କାତିକେଲା, ବୃନ୍ଦାମାଳ ଦେଇ ଇବ୍ ନଦୀରେ ପଡ଼ିଛି । ଏହି ନାଳ ସିରିଆପାଲି ନାଳ ଭାବେ ପରିଚିତ । କିନ୍ତୁ ଏହି ନାଳର କିଛି ଅଂଶ ଏବେ ବେଦାନ୍ତ କମ୍ପାନି ଭିତରେ ରହିଥିବାରୁ ବୃନ୍ଦାମାଳ ପାର୍ଶ୍ୱରେ ନାଳ ବାହାରିବା ବେଳକୁ ତାହା ଅତି ସଙ୍କୁଚିତ ହୋଇଯାଇଛି । ଏପରିକି ସିରିଆପାଲି ଠାରେ ପ୍ରାୟ ୫୦ ମିଟରରୁ ଅଧିକ ଚଉଡ଼ା ଥିବା ଏହି ନାଳ ବୃନ୍ଦାମାଳରେ ପ୍ରାୟ ୫ ଫୁଟ୍‌ରେ ସୀମିତ ରହିଯାଇଛି । ସେହିଭଳି ଝାରସୁଗୁଡ଼ା ସହରର ସରବାହାଲ ଅଞ୍ଚଳରୁ ବାହାରିଥିବା ଏକ ନାଳ ବଡ଼ମାଳ, କୁକୁରଜଂଘା, ସିଂହାବଗା ଦେଇ ଭେଡ଼େନ ନଦୀରେ ପଡ଼ିଛି । ବର୍ଷାଦିନେ ଏହି ନାଳ ସହରର ଜଳ ନିଷ୍କାସନର ମାର୍ଗ ପାଲଟୁଥିଲା । କିନ୍ତୁ ଏସ୍‌ଏମ୍‌ସି ପାୱାର ଜେନେରେସନ୍ ଲିମିଟେଡ୍ ଏକାଧିକ ସ୍ଥାନରେ ଏହି ନାଳକୁ ବ୍ୟବହାର କରି ଆସିଛି । କେଉଁଠି ନାଳ ଭିତରେ ପାଇପଲାଇନ୍ ଯାଇଛି ତ ଆଉ କେଉଁଠି ନାଳକୁ ମଡ଼ାଇ ପାଚେରି ନିର୍ମାଣ କରାଯାଇଛି । ଯାହାକୁ ନେଇ ଏହି ନାଳ ବି



ଏବେ ଅନ୍ତିମ ଦିନ ଗଣୁଥିବା ଅଭିଯୋଗ ହେଉଛି । ସେହିଭଳି ନିକଟରେ ବେଦାନ୍ତର କୋଲବ୍ଲକ କାର୍ଯ୍ୟକ୍ଷମ ହେବାକୁ ଥିବା ବେଳେ ଏଥିରୁ କୋଇଲା ଉତ୍ତୋଳନ ହେଲେ ଏହା ଲିଲାରୀ ନାଳ ଉପରେ ମଧ ଯଥେଷ୍ଟ ପ୍ରଭାବ ପକାଇବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ତମାମ ଘଟଣାକୁ ନେଇ ଅଭିଯୋଗ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ମାଳ ମାଳ ତଦନ୍ତ ନିର୍ଦ୍ଦେଶ ଆସିଛି । କିନ୍ତୁ ତାହା ବି ଫାଇଲ୍‌ର ନାଲିଫିତା ତଳେ ହଜିଯାଇଛି ।

ସେହିପରି ସୁନ୍ଦରଗଡ଼ ଉପଖଣ୍ଡର ପ୍ରମୁଖ ନଦୀ ଉପରେ ମାଡ଼ି ଆସିଛି ବିପଦ । ହେମଗିର ଓ ଲେଫ୍ରିପଡ଼ା ବ୍ଲକ୍ ଅଞ୍ଚଳର ଜୀବନରେଖା ବସୁନ୍ଧରା ନଦୀ ଖଣି ଗର୍ଭକୁ ଚାଲି ଯାଇଥିବାବେଳେ ଅନ୍ୟ ଦୁଇ ପ୍ରମୁଖ ଜଳ ଉତ୍ସ ଚତୁର୍ଧାରା ଓ ଇଚ୍ଛା ନଦୀକୁ ମଧ ମୃତ୍ୟୁର ଡାକରା ଆସିଲାଣି । ଏକଦା ବର୍ଷର ସବୁ ସମୟରେ ବସୁନ୍ଧରା ଓ ଚତୁର୍ଧାରା ଉପରେ ୩ଠରୁ ଅଧିକ ଗାଁର ଲୋକେ ନିର୍ଭର କରୁଥିଲେ । ଜମିକୁ ଜଳସେଚନ ଓ ଲୋକଙ୍କ ତୃଷା ମେଣ୍ଟାଇବା ସାଙ୍ଗକୁ ଏହି ଜଳଉତ୍ସଗୁଡ଼ିକ ଅଞ୍ଚଳବାସୀଙ୍କରୟ ସାଂସ୍କୃତିକ ଓ ଭାବଗତ ସମ୍ପର୍କକୁ ପରିପୁଷ୍ଟ କରୁଥିଲା । ବସୁନ୍ଧରା ଓ ଚତୁର୍ଧାରା ଜଳଉତ୍ସ ମୁଖ୍ୟ ବସୁନ୍ଧରା ନଦୀରେ ମିଶି ସେଠାରୁ ବିଭିନ୍ନ ଅଞ୍ଚଳରେ ପ୍ରବାହିତ ହୋଇ ଝାରସୁଗୁଡ଼ା ଜିଲ୍ଲା ରାଜପୁର ଠାରେ ଇବ୍ ନଦୀରେ ମିଶିଛି । କନିକା ନିକଟରେ ବହି ଯାଉଥିବା ଚିରସ୍ରୋତା କନିକା ନାଳ ଏମ୍‌ସିଏଲ୍ ରେଳ ସାଇଡିଂର ବହଳ କୋଇଲାରେ ପୋତି ହୋଇଗଲାଣି । ପୂର୍ବରୁ ଅନେକ ଗାଁ ପାଇଁ ଜୀବନ ସାଜିଥିବା ଇଚ୍ଛା ନଦୀର ଜଳ କୋଇଲା ଖଣି ପ୍ରଭାବରେ ଭୂତଳଗାମୀ ହୋଇଥିବା ବେଳେ ଉତ୍ପତ୍ତିସ୍ଥଳରୁ ମାତ୍ର ୧୦୦ ମିଟର ପରେ ୩ କିଲୋମିଟର ପର୍ଯ୍ୟନ୍ତ ଶୁଖିଲା ପଡ଼ିଛି । ନଦୀଶଯ୍ୟା ସବୁ ପଥର ଓ ଘାସବୁଦାରେ ଭରିଗଲାଣି । ଅନ୍ୟ ପଟେ ସୁନ୍ଦରଗଡ଼ର ଉପରମୁଣ୍ଡ ତେଲିଯୋର ଠାରୁ ଶେଷ ମୁଣ୍ଡ ଭଷ୍ମା ଯାଏଁ ୭୦ କିଲୋମିଟର ଦୈର୍ଘ୍ୟ ଇବ୍ ନଦୀ ପାନୀୟ ଜଳଯୋଗାଣର ଏକ ବଡ଼ ଉତ୍ସ ସୁନ୍ଦରଗଡ଼ ସହର ସମେତ ବାଲିଶଙ୍କରା, ସବଡେଗା, ଟାଙ୍ଗରପାଲି ବ୍ଲକ୍‌ରେ ଚାଷ ପାଇଁ ମଧ ଏହାର ଅବଦାନ ରହିଛି । ଏବେ ଫେବ୍ରୁଆରି ଆସିଲେ ନଦୀ ଶୁଖିଲା ପଡ଼ିଯାଉଛି । ମହାନଦୀକୁ ନିୟନ୍ତ୍ରଣରେ ରଖିଥିବା ଛତିଶଗଡ଼ ଏହାର ଉପନଦୀ ଇବ୍‌କୁ ସମ୍ପୂର୍ଣ୍ଣ କବ୍ଜା କରି ନେଇଛି । ନଦୀର ଉପରମୁଣ୍ଡରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରି ଗୋଟିଏ ପରେ ଗୋଟିଏ ବନ୍ଧ ବାନ୍ଧି ପାଣିକୁ ଅଟକାଇ ଦେଇଛି । ୨୦୦୭ରୁ ଛତିଶଗଡ଼ ଜଳସମ୍ପଦ ବିଭାଗ କୁନକୁରି ଠାରୁ ୩୦ କିଲୋମିଟର ଦୂରରେ ଗୁଲୁ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ଶେଷ କରିବା ପରେ ବେନେଠାରେ ଜଳସେଚନ ପ୍ରକଳ୍ପ ଓ ଓଡ଼ିଶା ସୀମାରୁ ୨୦ କିଲୋମିଟର ଦୂର ସମଡମା ଠାରେ ଏକ ଆନିକଟ ନିର୍ମାଣ କରିଛି । ଫଳରେ ନଦୀ ଉପର ମୁଣ୍ଡରେ ହିଁ ବନ୍ଦୀ ହୋଇଯାଇଛି । ଇବ୍ ପାଣିରୁ ଛତିଶଗଡ଼ରେ ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନ କରାଯାଉଛି । ବର୍ଷା ଋତୁ ବ୍ୟତୀତ ଅନ୍ୟ ସମୟରେ ଟୋପାଏ ପାଣି ତଳମୁଣ୍ଡକୁ ଛଡ଼ାଯାଉ ନାହିଁ । ତେଣୁ ଖରା ନ ଆସୁଣୁ ତଳମୁଣ୍ଡରେ ନଦୀ ଶୁଖି ଯାଉଛି । ବହୁ ବର୍ଷ ପରେ ଓଡ଼ିଶା ସରକାର ଇବ୍ ନଦୀର କୋପସିଂହା ଓ କୁଡ଼ାବଗାରେ ବନ୍ଧ ନିର୍ମାଣ ଆରମ୍ଭ କରିଛନ୍ତି । ଏହା ହେଲେ ହୁଏତ ବର୍ଷା ପାଣି ସଂରକ୍ଷିତ ରଖି ନଦୀର ଅପମୃତ୍ୟୁକୁ ରୋକି ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra